# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଡିସେମ୍ବର ୮/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Balasore, Saturday, December 8/ 2018 | ★★★★

୪୫ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଗୋଭର୍ସଙ୍କ ହ୍ୟାଟ୍ରିକ୍**

ବ୍ଲେକ ଗୋଭର୍ସଙ୍କ ହ୍ୟାଟ୍ରିକ ସହାୟତାରେ ଅଷ୍ଟ୍ରେଲିଆ ଚଳିତ ହକି ବିଶ୍ୱକପ୍‌ରେ ଚାଇନାକୁ ୧୧-୦ଗୋଲ୍‌ରେ ହରାଇଛି। ୧୮

୦୨ **'ସାରା ଅଲି ଖାନ୍ ପେସାଦାର ଅଭିନେତ୍ରୀ'**

ସାରା ଅଲି ଖାନ୍ ଜଣେ ପେସାଦାର ଅଭିନେତ୍ରୀ ବୋଲି 'କେଦାରନାଥ'ର ଅନ୍ୟତମ ଅଭିନେତା ତରୁଣ ଗେହଲଟ୍ ପ୍ରକାଶ କରିଛନ୍ତି।



# କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍ ହେଲେ ନୂଆ ସିଇଏ

ନୂଆଦିଲ୍ଲୀ, ୭।୧୨

ଅରବିନ୍ଦ ସୁବ୍ରମଣ୍ୟନ୍‌ଙ୍କ ଇସ୍ତଫାର ୬ ମାସ ପରେ କେନ୍ଦ୍ର ସରକାର ପ୍ରଫେସର ଡ.କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନଙ୍କୁ ନୂତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା(ସିଇଏ) ଭାବେ ନିଯୁକ୍ତ କରିଛନ୍ତି। ସେ ୩ ବର୍ଷ ପାଇଁ ଏହି ପଦବୀ ରହିବେ। ପ୍ରଫେସର କ୍ରିଷ୍ଣମୂର୍ତ୍ତି ଇଣ୍ଡିଆନ ସ୍କୁଲ ଅଫ୍ ବିଜନେସର ଫାଇନାନ୍ସ ବିଭାଗରେ ଆସୋସିଏଟ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା ସେ ସେଣ୍ଟର ଫର୍ ଆନାଲିଟିକାଲ ଫାଇନାନ୍ସର ଏକଜିକ୍ୟୁଟିଭ ଡାଇରେକ୍ଟର ଭାବେ ଦାୟିତ୍ୱରେ ରହିଛନ୍ତି। ଶିକାଗୋ ବିଶ୍ୱବିଦ୍ୟାଳୟରୁ ଫାଇନାନ୍ସିଆଲ ଇକୋନୋମିକ୍ସରେ ପିଏଚ.ଡି ଡିଗ୍ରୀ ହାସଲ କରିବା ସହିତ ଆଇଆଇଟି, କୋଲକାତା ଓ ଆଇଆଇଏମ,କାନପୁରରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଯୁଗ୍ମ ରୂପରେ ତାଙ୍କର ପିଏଚ.ଡି ଗାଇଡ ଥିଲେ। ☞ପୃଷ୍ଠା–୪


କ୍ରିଷ୍ଣମୂର୍ତ୍ତି ସୁବ୍ରମଣ୍ୟନ୍

ରେଳଧାରଣା କଡ଼ରେ ହାତୀମୃତ୍ୟୁ ଏଡ଼ାଇବାକୁ ଯୋଜନା

# ଲାଗିବ ମହୁମାଛି ଶବ୍ଦ ମେଶିନ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

**ଢେଙ୍କାନାଳରେ ପାଇଲଟ ପ୍ରକଳ୍ପ**

ରେଳ ଦୁର୍ଘଟଣା ଯୋଗୁ ରାଜ୍ୟରେ ଅନେକ ସମୟରେ ହାତୀଙ୍କର ମୃତ୍ୟୁ ଘଟୁଛି। ଏହାକୁ ଏଡାଇବା ପାଇଁ ରାଜ୍ୟ ସରକାର ହାତୀ ଚଳ ପ୍ରଚଳ ହେଉଥିବା ରେଳଧାରଣା କଡରେ ମହୁମାଛି ଶବ୍ଦ ସୃଷ୍ଟି କରୁଥିବା ମେଶିନ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଶବ୍ଦ ହାତୀଙ୍କୁ ରେଳ ଲାଇନ କଡରୁ ଦୂରେଇ ରଖିବାରେ ସହାୟକ ହେବ। ଶୁକ୍ରବାର ରେଳ ବିଭାଗ, ଶକ୍ତି ଓ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନୂତନ ବ୍ୟବସ୍ଥା ପାଇଲଟ ପ୍ରକଳ୍ପ ଭାବେ ଢେଙ୍କାନାଳ ଜିଲାର ସଦାଶିବପୁରଠାରେ ଆରମ୍ଭ କରାଯିବ ବୋଲି ମୁଖ୍ୟ ବନ୍ୟ ସଂରକ୍ଷକ ସୁଦର୍ଶନ ପଣ୍ଡା କହିଛନ୍ତି। ଏହି ବ୍ୟବସ୍ଥା ସଫଳ ହେଲେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମଧ ମେଶିନ ରେଳଧାରଣା କଡରେ ସ୍ଥାପନ କରାଯିବ। ☞ପୃଷ୍ଠା–୪

■ ୫ ରାଜ୍ୟରେ ବିଧାନସଭା ନିର୍ବାଚନ: ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ

# ରାଜସ୍ଥାନରେ କଂଗ୍ରେସ, ତେଲେଙ୍ଗାନାରେ କେସିଆର୍

■ **ଏମ୍‌ପି, ଛତିଶଗଡ଼ରେ କଡ଼ା ଟକ୍କର**

■ **ମିଜୋରାମରେ ଏମ୍‌ଏନ୍‌ଏଫ୍ ସରକାର**

ନୂଆଦିଲ୍ଲୀ,୭।୧୨

ରାଜସ୍ଥାନ ଓ ତେଲେଙ୍ଗାନାରେ ଶୁକ୍ରବାର ମତଦାନ ଶେଷ ହେବା ପରେ ୫ ରାଜ୍ୟରେ ପ୍ରାୟ ତିନିମାସ ଧରି ଚାଲିଥିବା ନିର୍ବାଚନୀ କସରତରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଫଳ ଆସିବାକୁ ଆଉ ୪ ଦିନ ବାକି ଥିବାବେଳେ ଏହାକୁ ନେଇ ନାନା କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। କେଉଁ ରାଜ୍ୟରେ କେଉଁ ଦଳ କ୍ଷମତାସୀନ ହେବ ଓ କେଉଁଠି କିଏ କାହାଠାରୁ ଶାସନ ଗାଦି ଛଡ଼ାଇ ନେବ ତାକୁ ନେଇ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ସବୁ ରାଜନୈତିକ ଦଳ ନିଜ ନିଜର ବିଜୟ ନେଇ ଦୃଢ଼ୋକ୍ତି ବାଢୁଥିବାବେଳେ ବିଭିନ୍ନ ଟେଲିଭିଜନ ଚ୍ୟାନେଲ ଓ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ପକ୍ଷରୁ ବୁଥ୍ ଫେରନ୍ତା ଭୋଟରଙ୍କ ମତାମତ ଲୋଡ଼ାଯାଇଛି। ଏକ୍‌ଜିଟ୍ ପୋଲର ଭବିଷ୍ୟବାଣୀ ଅନୁସାରେ ରାଜସ୍ଥାନରେ ଭାଜପା କ୍ଷମତାଚ୍ୟୁତ ହେବ ଓ କଂଗ୍ରେସ ସରକାର ଗଢ଼ିବ। ତେଲେଙ୍ଗାନାରେ କାମଚଳା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଦ୍ୱିତୀୟଥର କ୍ଷମତାସୀନ ହେବାକୁ ଯାଉଛନ୍ତି। ଅନ୍ୟପକ୍ଷରେ ଭାଜପାର ଗଡ଼ କୁହାଯାଉଥିବା ମଧ୍ୟପ୍ରଦେଶ (ଏମ୍‌ପି) ଓ ଛତିଶଗଡ଼ରେ ଗୈରିକ ଦଳକୁ କଡ଼ା ମୁକାବିଲାର ସାମ୍ନା କରିବାକୁ ପଡ଼ିଛି। ଏମ୍‌ପିରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଚତୁର୍ଥଥର ପାଇଁ କ୍ଷମତାକୁ ଫେରି ନ ପାରନ୍ତି। ଏଠାରେ ଭାଜପାଠାରୁ କଂଗ୍ରେସ ଅଧିକ ଆସନ ପାଇପାରେ। ସେହିପରି ଛତିଶଗଡ଼ରେ ରମଣ ସିଂ ସରକାରଙ୍କୁ ମଧ କଂଗ୍ରେସ କଡ଼ା ଟକ୍କର ଦେଇଛି। ମିଜୋରାମରେ ଶାସକ କଂଗ୍ରେସଠାରୁ ବିରୋଧୀ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍) କ୍ଷମତା ଛଡ଼ାଇ ସରକାର ଗଠନ କରିପାରେ ବୋଲି ଆକଳନ କରାଯାଉଛି। ତେବେ ମଙ୍ଗଳବାର ଭୋଟଗଣତି ପରେ ସବୁ ଉତ୍କଣ୍ଠାର ଅବସାନ ଘଟିବ।

ପ୍ରମୁଖ ସର୍ବେକ୍ଷଣ ସଂସ୍ଥାଗୁଡ଼ିକର ଏକ୍‌ଜିଟ୍ ପୋଲ ସମାହାରକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଏମ୍‌ପିର ଶିବରାଜ ସିଂ ଚୌହାନ ସରକାର ପୁନଃ କ୍ଷମତାସୀନ ହେବା ଆଶା କ୍ଷୀଣ। ୨୩୦ ଆସନ ବିଶିଷ୍ଟ ବିଧାନସଭାରେ ଦଖଲ ପାଇଁ ମ୍ୟାଜିକ୍ ନମ୍ବର ୧୧୫ ହୋଇଥିବାବେଳେ ଭାଜପାକୁ ୧୧୨ ଆସନରେ ସଫଳତା ମିଳିବ। ଅର୍ଥାତ୍ ସଂଖ୍ୟାଗରିଷ୍ଠତାଠାରୁ ୩ ଆସନ କମ ପାଇ ଭାଜପାକୁ ପରାଜୟର ମୁହଁ ଦେଖିବାକୁ ପଡ଼ିବ। ଅପରପକ୍ଷେ କଂଗ୍ରେସକୁ ୧୦୭ ଓ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)କୁ ୨ ଆସନ ମିଳିବ। 'ରିପବ୍ଲିକ୍ ଟିଭି–ଜନ୍ କୀ ବାତ୍' ପକ୍ଷରୁ କରାଯାଇଥିବା ଏକ୍‌ଜିଟ୍ ପୋଲ ଅନୁସାରେ ଭାଜପାକୁ ୧୦୮ରୁ ୧୨୮ ଏବଂ କଂଗ୍ରେସକୁ ୯୫ରୁ ୧୧୫ ଆସନ ମିଳିପାରେ। ବିଏସ୍‌ପିକୁ କୌଣସି ଆସନରେ ସଫଳତା ମିଳୁ ନ ଥିବାବେଳେ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୭ ଆସନରେ ବିଜୟୀ ହେବେ। 'ଟାଇମ୍ସ ନାଓ–ସିଏନ୍‌ଏକ୍ସ' ଭାଜପାକୁ ୧୨୬ ଆସନ ଦେଇଥିବାବେଳେ କଂଗ୍ରେସ ୮୯ ଆସନରେ ସନ୍ତୁଷ୍ଟ ହେବ ବୋଲି ଦର୍ଶାଇଛି। ବିଏସ୍‌ପି ୬ ଓ ସ୍ୱାଧୀନ ପ୍ରାର୍ଥୀ ୯ ଆସନରେ ସଫଳ ହେବେ ବୋଲି ଏହି ସଂସ୍ଥା ଭବିଷ୍ୟବାଣୀ କରିଛି। ସେହିପରି ଭାଜପା ୧୦୬, କଂଗ୍ରେସ ୧୧୨ ଆସନ ପାଇବ ବୋଲି 'ଇଣ୍ଡିଆ ନ୍ୟୁଜ୍ ଏମ୍‌ପି–ଏନ୍‌ଇଟିଏ' କହିଛି। ☞ପୃଷ୍ଠା–୪

**ମଧ୍ୟପ୍ରଦେଶ (ମୋଟ ଆସନ:୨୩୦)**

| | ଭାଜପା | କଂଗ୍ରେସ | ବିଏସ୍‌ପି | ଅନ୍ୟ |
|---|---|---|---|---|
| ରିପବ୍ଲିକ ଟିଭି–ଜନ କୀ ବାତ୍ | ୧୦୮–୧୨୮ | ୯୫–୧୧୫ | ୦ | ୭ |
| ଟାଇମ୍ସ ନାଓ–ସିଏନ୍‌ଏକ୍ସ | ୧୨୬ | ୮୯ | ୬ | ୯ |
| ଇଣ୍ଡିଆ ନ୍ୟୁଜ୍ ଏମ୍‌ପି–ନେତା | ୧୦୬ | ୧୧୨ | ୦ | ୧୨ |
| ଇଣ୍ଡିଆ ଟୁଡେ–ଆକ୍ସିସ୍ | ୧୦୨–୧୨୦ | ୧୦୪–୧୨୨ | ୧–୩ | ୩–୮ |

**ରାଜସ୍ଥାନ (ମୋଟ ଆସନ:୧୯୯)**

| | ଭାଜପା | କଂଗ୍ରେସ+ | ବିଏସ୍‌ପି | ଅନ୍ୟ |
|---|---|---|---|---|
| ରିପବ୍ଲିକ୍ ଟିଭି–ଜନ କୀ ବାତ୍ | ୮୩–୧୦୩ | ୮୧–୧୦୧ | ୦ | ୧୫ |
| ନ୍ୟୁଜ୍ ନେଶନ | ୮୯–୯୩ | ୯୯–୧୦୩ | ୦ | ୫–୯ |
| ଇଣ୍ଡିଆ ଟୁଡେ–ଆକ୍ସିସ୍ | ୫୫–୭୨ | ୧୧୯–୧୪୧ | ୧–୩ | ୩–୮ |
| ଟାଇମ୍ସ ନାଓ–ସିଏନ୍‌ଏକ୍ସ | ୮୫ | ୧୦୫ | ୨ | ୭ |

**ଛତିଶଗଡ଼ (ମୋଟ ଆସନ:୯୦)**

| | ଭାଜପା | କଂଗ୍ରେସ | ବିଏସ୍‌ପି+ | ଅନ୍ୟ |
|---|---|---|---|---|
| ଟାଇମ୍ସ ନାଓ–ସିଏନ୍‌ଏକ୍ସ | ୪୬ | ୩୫ | ୭ | ୨ |
| ରିପବ୍ଲିକ୍ – ସି ଭୋଟର୍ସ | ୩୫–୪୩ | ୪୦–୫୦ | ୩–୭ | ୦ |
| ଇଣ୍ଡିଆ ଟୁଡେ–ଆକ୍ସିସ୍ | ୨୧–୩୧ | ୫୫–୬୫ | ୪–୮ | ୦ |
| ନ୍ୟୁଜ୍ ନେଶନ | ୩୮–୪୨ | ୪୦–୪୪ | ୪–୮ | ୦–୪ |
| ଇଣ୍ଡିଆ ଟିଭି | ୪୨–୫୦ | ୩୨–୩୮ | ୬–୮ | ୧–୩ |

**ତେଲେଙ୍ଗାନା (ମୋଟ ଆସନ:୧୧୯)**

| | ଟିଆରଏସ୍ | କଂଗ୍ରେସ+ | ଭାଜପା | ଅନ୍ୟ |
|---|---|---|---|---|
| ରିପବ୍ଲିକ୍ ଟିଭି–ଜନ କୀ ବାତ୍ | ୫୦–୬୫ | ୩୮–୫୨ | ୪–୭ | ୪–୧୪ |
| ଟାଇମ୍ସ ନାଓ–ସିଏନ୍‌ଏକ୍ସ | ୬୬ | ୩୭ | ୭ | ୯ |
| ନ୍ୟୁଜ୍ ଏକ୍ସ–ନେତା | ୫୭ | ୪୬ | ୬ | ୧୦ |
| ଟିଭି୯ ତେଲଗୁ–ଏଏଆର୍ଏ | ୭୫–୮୫ | ୨୫–୩୫ | ୨–୩ | ୭–୧୧ |
| ଇଣ୍ଡିଆ ଟୁଡେ–ଆକ୍ସିସ୍ | ୭୯–୯୧ | ୨୧–୩୩ | ୧–୩ | ୪–୭ |

**ମିଜୋରାମ (ମୋଟ ଆସନ:୪୦)**

| | ଏମ୍‌ଏନ୍‌ଏଫ୍ | କଂଗ୍ରେସ | ଭାଜପା | ଅନ୍ୟ |
|---|---|---|---|---|
| ରିପବ୍ଲିକ୍ – ସି ଭୋଟର୍ସ | ୧୬–୨୦ | ୧୪–୧୮ | ୦ | ୩–୧୦ |
| ଇଣ୍ଡିଆ ଟୁଡେ–ଆକ୍ସିସ୍ | ୧୬–୨୨ | ୮–୧୨ | ୦ | |
| ଟାଇମ୍ସ ନାଓ–ସିଏନ୍‌ଏକ୍ସ | ୧୮ | ୧୬ | ୦ | |

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ହକି ବିଶ୍ୱକପ୍ ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ଶୁକ୍ରବାର**

ପ୍ରଥମ ମ୍ୟାଚ

ଅଷ୍ଟ୍ରେଲିଆ-୧୧
ଚାଇନା-୦

ଦ୍ୱିତୀୟ ମ୍ୟାଚ

ଇଂଲଣ୍ଡ-୪
ଆୟର୍ଲାଣ୍ଡ-୨

**ଆଜିର ସମ୍ପାଦକୀୟ**

ସ୍ୱଚ୍ଛତା ଭେଳିକି

**ଆଜିର ମନ୍ତବ୍ୟ**

ଭାରତର ଶାସକ ଭାଜପା ମୁସଲମାନ ଓ ପାକିସ୍ତାନ ବିରୋଧୀ।
–ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ






ବିଜାତଳା ଜିଲା ପରିଷଦ ଜୋନ୍ ଉପନିର୍ବାଚନ

# ବିଜେଡି ପ୍ରାର୍ଥୀ ରଘୁନାଥ ବିଜୟୀ

**ଭାଜପା ହାତରୁ ଖସିଲା ଆସନ**

■ **ଅମାନତ ହରାଇଲା କଂଗ୍ରେସ**

■ **ତୃତୀୟ ସ୍ଥାନରେ ଜେଏମ୍‌ଏମ୍**

ବାରିପଦା ଅଫିସ,୭।୧୨

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଅନ୍ତର୍ଗତ ୩୨ ନଂ. ଜିଲା ପରିଷଦ ଜୋନ ଉପନିର୍ବାଚନ ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଭାଜପା ଦଖଲରେ ଥିବା ଏହି ଆସନକୁ ଛଡାଇ ନେଇଛି ବିଜେଡି । କଡା ଟକ୍କର ମଧ୍ୟରେ ବିଜେଡି ପ୍ରାର୍ଥୀ ରଘୁନାଥ ମାଝୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ କୁତ୍ତୁଲୁ ହାଁସଦାଙ୍କଠାରୁ ଅଧିକ ୪୨୧୨ ଭୋଟ ପାଇ ବିଜୟୀ ହୋଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏହି ଉପନିର୍ବାଚନ ଫଳ ଭାଜପାକୁ ଝଟକା ଦେଇଛି ବୋଲି ଚର୍ଚ୍ଚା ହେଉଛି। ସବୁ ଦଳ ଏହାକୁ ଚ୍ୟାଲେଞ୍ଜ ଓ ସମ୍ମାନର ପ୍ରଶ୍ନ ଭାବେ ଗ୍ରହଣ କରିଥିଲେ। ନିର୍ବାଚନ ପ୍ରଚାରଠାରୁ ଆରମ୍ଭ କରି ରଣକୌଶଳ ଯାଏ ସବୁକ୍ଷେତ୍ରରେ ଛକାପଞ୍ଝା ସ୍ଥିତି ଲାଗି ରହିଥିଲା। ଶେଷରେ ବିଜେଡି ପ୍ରାର୍ଥୀ ରଘୁନାଥ ଏସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜୟ ମୁକୁଟ ପିନ୍ଧିଛନ୍ତି। ନିର୍ବାଚନ ଫଳାଫଳ ଘୋଷଣା ପରେ ବିଜେଡି ଶିବିର ଉଲ୍ଲସିତ ହୋଇଛି। ଭାଜପା ଶିବିରରେ ଛାଇଯାଇଛି ନୈରାଶ୍ୟ । ଜେଏମଏମ ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅମାନତ ହରାଇଛନ୍ତି। ବିଜାତଳା ବ୍ଲକ କାର୍ଯ୍ୟାଳୟରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶୁକ୍ରବାର ପୂର୍ବାହ୍ନ ୮ଟା ପରେ ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। କେତେକ ବୁଥରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଭାଜପା କର୍ମୀ ଗୁରୁବାର ରାତିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଥିଲେ । ଏଭଳି ସ୍ଥିତିରେ ଭୋଟ ଗଣତି କରାଯାଇ ସନ୍ଧ୍ୟା ୭ଟା ବେଳେ ଫଳାଫଳ ଘୋଷଣା କରାଯାଇଥିଲା। ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବିଜେଡି ପ୍ରାର୍ଥୀ ରଘୁନାଥ ୮୮୭୫ ଭୋଟ ପାଇଥିବା ବେଳେ ଭାଜପା ପ୍ରାର୍ଥୀ କୁତ୍ତୁଲୁ ହାଁସଦା ୪୬୬୩ ଭୋଟ ପାଇଛନ୍ତି। ଜେଏମଏମ ପ୍ରାର୍ଥୀ ମୀନା ସୋରେନ ୨୭୬୮, ☞ପୃଷ୍ଠା–୪


NECC NATIONAL EGG CO-ORDINATION COMMITTEE 07.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 79 | 131 | 141 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଦେଶର ଚଳନ୍ତି ଖାତା ନିଅଣ୍ଟ (ସିଏଡି) ମୋଟ ଜିଡ଼ିପିର ୨.୯% ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୧.୧% ରହିଥିଲା।

– ଆର୍‌ବିଆଇ






ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ରାଜ୍ୟରେ ଭାଜପାର ସଙ୍ଗଠନକୁ ଦେଖି ଭୟ କଲେଣି । ଏଥିପାଇଁ ସେ ରଥଯାତ୍ରାକୁ ଅନୁମତି ନ ଦେଇ ଗଣତନ୍ତ୍ରର କଣ୍ଠରୋଧ କରୁଛନ୍ତି।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ

# ୧୦ ବର୍ଷରେ ୩୮୪ ବାଘ ଶିକାର



**ନୋଏଡ଼ା ,୭।୧୨(ପି.ଟି.)**

ଗତ ୧୦ ବର୍ଷ ମଧ୍ୟରେ ଭାରତରେ ମୋଟ ୩୮୪ ବାଘ ଶିକାର ହୋଇଛନ୍ତି, ଅର୍ଥାତ ପ୍ରତି ମାସରେ ହାରାହାରି ୩ଟି ବାଘ ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। ସୂଚନା ଅଧିକାର ଆଇନ (ଆରଟିଆଇ) ତଥ୍ୟରୁ ଏହା ଜଣାପଡିଛି। ବାଘ ଶିକାର ଅଭିଯୋଗରେ ୨୦୦୮ରୁ ୨୦୧୮ ନଭେମ୍ବର ସୁଦ୍ଧା ୯୬୧ ଜଣଙ୍କୁ ଗିରଫ କରାଯାଇଛି। ନୋଏଡାର ଆଇନଜୀବୀ ରଞ୍ଜନ ତୋମାରଙ୍କ ଆରଟିଆଇ ଆବେଦନ ଉପରେ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋ (ଡବ୍ଲ୍ୟୁସିସିବି) ଏହି ତଥ୍ୟ ଦେଇଛି।

ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାର ବାଘ ଶିକାର ରୋକିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ବନ୍ୟ ପ୍ରାଣୀଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନେବାର ଆବଶ୍ୟକତା ରହିଛି କିମ୍ବା ବର୍ତ୍ତମାନର ଆଇନରେ ପରିବର୍ତ୍ତନ ଆଣି ଏହାକୁ ଅଧିକ ପ୍ରଭାବଶାଳୀ କରିବାକୁ ହେବ ବୋଲି ତୋମାର କହିଛନ୍ତି।

**୨୦୦୮ରୁ ୨୦୧୮ର ଆରଟିଆଇ ତଥ୍ୟ**

ଗତ ୧୦ ବର୍ଷ ମଧ୍ୟରେ ଦେଶରେ କେତେ ବାଘ ଶିକାର ହୋଇଛନ୍ତି ଏବଂ ଏଥିପାଇଁ କେତେ ଜଣଙ୍କୁ ଗିରଫ କରି ଦୋଷୀସାବ୍ୟସ୍ତ କରାଯାଇଛି ତାହାର ତଥ୍ୟ ଆରଟିଆଇ କର୍ମୀ ତୋମାର ଡବ୍ଲ୍ୟୁସିସିବିକୁ ମାଗିଥିଲେ। ରାଜ୍ୟ ଜଙ୍ଗଲ ବିଭାଗ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କଠାରୁ ହସ୍ତଗତ ତଥ୍ୟ ଆଧାରରେ ବ୍ୟୁରୋ ପାଖରେ ଥିବା ରେକର୍ଡ ଅନୁଯାୟୀ ୧୦ ବର୍ଷରେ ୩୮୪ ବାଘ ଶିକାରୀଙ୍କ ଗୁଳିରେ ମରିଥିବାବେଳେ ୯୬୧ ଜଣଙ୍କୁ ଗିରଫ କରାଯାଇଛି।

ଜାତୀୟ ପ୍ରାଣୀ ବ୍ୟାଘ୍ର ସଂରକ୍ଷଣ ଲାଗି ସରକାର ୧୯୭୩ରେ 'ପ୍ରୋଜେକ୍ଟ ଟାଇଗର' ଆରମ୍ଭ କରିଥିଲେ। ଏହି ଯୋଜନାରେ ୨୫ରୁ ଅଧିକ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ମାଣ ହୋଇଛି। ୨୦୧୪ର ଆକଳନ ଅନୁଯାୟୀ ଭାରତରେ ୨୨୨୬ଟି ବାଘ ରହିଛନ୍ତି ।

## ସଂକ୍ଷେପରେ

### ମଞ୍ଚରେ ମୂର୍ଚ୍ଛା ଗଲେ ଗଡ଼କରୀ

**ମୁମ୍ବାଇ,୭।୧୨(ପି.ଟି.):** ମହାରାଷ୍ଟ୍ରର ଅହମଦନଗର ଜିଲାରେ ଶୁକ୍ରବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ନିତୀନ ଗଡ଼କରୀ ମଞ୍ଚ ଉପରେ ମୂର୍ଚ୍ଛା ଯାଇଥିଲେ। ରାହୁରିସ୍ଥିତ କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଜାତୀୟ ସଙ୍ଗୀତ ଗାନ କରାଯାଉଥିଲା ବେଳେ ଏଭଳି ଘଟଣା ଘଟିଥିଲା। ୬୧ ବର୍ଷୀୟ ଭାଜପା ନେତା ଗଡ଼କରୀ ସମାବର୍ତ୍ତନ ପୋଷାକ ପିନ୍ଧିଥିବାରୁ ଅମ୍ଳଜାନ ହ୍ରାସରୁ ଏଭଳି ଘଟିଲା ବୋଲି କୁହାଯାଉଛି।

### ତାଲିବାନ ଆକ୍ରମଣରେ ୧୪ ସୈନ୍ୟ ନିହତ

**କାବୁଲ୍,୭।୧୨(ପି.ଟି.):** ଆଫଗାନିସ୍ତାନର ହେରାତ୍ ପ୍ରଦେଶରେ ତାଲିବାନ ଆତଙ୍କବାଦୀଙ୍କ ଆକ୍ରମଣରେ ୧୪ ସୈନ୍ୟ ନିହତ ହୋଇଛନ୍ତି। ଆତଙ୍କବାଦୀମାନେ ଅନ୍ୟ ୨୧ ଜଣ ସୈନ୍ୟଙ୍କୁ ଅପହରଣ କରିନେଇଛନ୍ତି। ଗୁରୁବାର ରାତିରେ ଆତଙ୍କବାଦୀମାନେ ହେରାତ୍‌ର ଶିନ୍‌ଦାଦ୍ ଜିଲାରେ ଥିବା ଦୁଇଟି ସେନା ଆଉଟପୋଷ୍ଟ ଉପରେ ଆକ୍ରମଣ କରିଥିଲେ। ଦୀର୍ଘ ୬ ଘଣ୍ଟା ଧରି ଆତଙ୍କବାଦୀ ଓ ସେନା ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା।

### କଂଗ୍ରେସ ଏମ୍‌ପି କାସ୍‌ମୀଙ୍କ ପରଲୋକ

**କିଷନଗଞ୍ଜ (ବିହାର),୭।୧୨(ପି.ଟି.):** କଂଗ୍ରେସ ଏମ୍‌ପି ତଥା ଇସଲାମୀୟ



ମୌଲାନା ଅସ୍ରାରୁଲ୍ ହକ୍ କାସ୍‌ମୀ( ୭୬)ଙ୍କର ଶୁକ୍ରବାର ହୃଦ୍‌ଘାତରେ ପରଲୋକ ଘଟିଛି। । ସେ ବିହାରର କିଷନଗଞ୍ଜରୁ ପ୍ରତିନିଧିତ୍ୱ କରୁଥିଲେ। ସେ ଜମାଏତ ଉଲେମା-ଇ- ହିନ୍ଦୀର ପୂର୍ବତନ ରାଜ୍ୟ ସଭାପତି ଏବଂ ଅଖିଳ ଭାରତ ମୁସଲିମ୍ ପର୍ସୋନାଲ ଲ' ବୋର୍ଡର ସଦସ୍ୟ।

## ■ ରାଜସ୍ଥାନରେ ୭୨.୬୭, ତେଲେଙ୍ଗାନାରେ ୬୭% ମତଦାନ

# ଏଗାରକୁ ଅପେକ୍ଷା

**ନୂଆଦିଲ୍ଲୀ,୭।୧୨**

କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ଶୁକ୍ରବାର ରାଜସ୍ଥାନ ଓ ତେଲଙ୍ଗାନାରେ ଭୋଟଗ୍ରହଣ କରାଯାଇଛି। ରାଜସ୍ଥାନରେ ୭୨.୬୭% ଓ ତେଲେଙ୍ଗାନାରେ ୬୭% ମତଦାନ ହୋଇଛି। କାଁଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଦୁଇ ରାଜ୍ୟରେ ଭୋଟଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ହୋଇଥିଲା। ଏହି ୨ ରାଜ୍ୟ ସହ ଭୋଟ ଗ୍ରହଣ ହୋଇଥିବା ୫ ରାଜ୍ୟରେ ଆସନ୍ତା ୧୧ ତାରିଖ (ମଙ୍ଗଳବାର) ଭୋଟଗଣତି କରାଯିବ।

ରାଜସ୍ଥାନର ୧୫ତମ ବିଧାନସଭା ଲାଗି ସକାଳ ୮ଟାରୁ ମତଦାନ ଆରମ୍ଭ ହୋଇ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଚାଲିଥିଲା। ୪୦୦ ଭିଭିପିଏଟି ମେଶିନ କାର୍ଯ୍ୟ କରୁ ନ ଥିବା କଂଗ୍ରେସ ପକ୍ଷରୁ ନିର୍ବାଚନ କମିଶନଙ୍କ ପାଖରେ ଅଭିଯୋଗ ହୋଇଛି। ଶାନ୍ତି ଶୃଙ୍ଖଳାରେ ଭୋଟଦାନ ଲାଗି ୧.୪୪ ଲକ୍ଷ କନଷ୍ଟେବଳଙ୍କ ସମେତ ୧୫୦୦ ପୋଲିସ ଅଧିକାରୀ ଏବଂ ୬୪୦ କମ୍ପାନୀ ସୁରକ୍ଷା ଯବାନ ନିୟୋଜିତ ହୋଇଥିଲେ। ୱେବ୍ କାଷ୍ଟିଂ, ଭିଡିଓଗ୍ରାଫି ଏବଂ ମାଇକ୍ରୋ-ଅବଜର୍ଭର ସହାୟତାରେ ୧୧ ହଜାର ବୁଥ୍ ଉପରେ କଡା ନଜର ରଖାଯାଇଥିଲା। ସେହିପରି ତେଲେଙ୍ଗାନରେ ମଧ୍ୟ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଛି। ୧୦୬ଟି ନିର୍ବାଚନ ମଣ୍ଡଳୀରେ ଅପରାହ୍ଣ ୫ଟାରେ ଭୋଟ ଗ୍ରହଣ ଶେଷ ହୋଇଥିଲାବେଳେ ମାଓବାଦୀ ପ୍ରଭାବିତ ୧୩ଟି ନିର୍ବାଚନମଣ୍ଡଳୀରେ ୪ଟାରେ ମତଦାନ ଚାଲିଥିଲା। ୩୧ଟି ଜିଲାର ୩୨,୮୧୫ ଭୋଟଗ୍ରହଣ କେନ୍ଦ୍ରରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହୋଇଛି।



ରାଜସ୍ଥାନର ଏକ ବୁଥରେ ମତଦାନ ପରେ ବୟସ୍କ ଭୋଟରମାନେ ଅଙ୍ଗୁଳି ଦେଖାଉଛନ୍ତି।

### 'ଇଭିଏମ୍‌ରେ ରହସ୍ୟଜନକ ଶକ୍ତି'

**ନୂଆଦିଲ୍ଲୀ,୭।୧୨(ଆଇଏଏନ୍‌ଏସ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତରେ ଇଲେକ୍ଟ୍ରୋନିକ ଭୋଟିଂ ମେଶିନ୍ (ଇଭିଏମ୍) ଗୁଡ଼ିକର ରହସ୍ୟଜନକ ଶକ୍ତି ରହିଛି। ତେଣୁ କଂଗ୍ରେସ କର୍ମୀମାନେ ସଜାଗ ରୁହନ୍ତୁ ବୋଲି ଶୁକ୍ରବାର ଦଳର ଅଧକ୍ଷ ରାହୁଲ ଗାନ୍ଧୀ ଆହ୍ୱାନ ଦେଇଛନ୍ତି। ତେଲେଙ୍ଗାନା ଓ ରାଜସ୍ଥାନରେ ମତଦାନ ଶେଷ ହେବା ପରେ ଇଭିଏମ୍ ଟ୍ୟାମ୍ପରିଂ ଆଶଙ୍କା କରି ରାହୁଲ ଏଭଳି ଟୁଇଟ୍ କରି କଂଗ୍ରେସ କର୍ମୀମାନଙ୍କୁ ଚେତାଇ ଦେଇଛନ୍ତି।

## ସର୍ବଦଳୀୟ ବୈଠକ ଡାକିଲେ ସରକାର

**ନୂଆଦିଲ୍ଲୀ ,୭।୧୨(ପି.ଟି.)**

ଆସନ୍ତା ୧୧ ତାରିଖରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବ। ଉଭୟ ଗୃହରେ କାର୍ଯ୍ୟ ସୁରୁଖୁରୁରେ ଚଳାଇବା ଲାଗି ସହମତି ନିମନ୍ତେ ସରକାର ସୋମବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ବୈଠକ ଡକାଯାଇଥିଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀ ଦଳଗୁଡିକର ସହଯୋଗ ଲୋଡିବେ। ଏହି ଅଧିବେଶନରେ ସରକାର ରାଜ୍ୟ ସଭାରେ ତିନି ତଲାକ ବିଲ୍ ଗୃହୀତ କରାଇବା ଲାଗି ଉଦ୍ୟମ କରିବେ। ତେବେ ଚାଷୀ ସମସ୍ୟା ଓ ଅଯୋଧ୍ୟା ବିବାଦ ଭଳି ଏକାଧିକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି।

## 'ସାରା ପେସାଦାର ଅଭିନେତ୍ରୀ'

**ମୁମ୍ବାଇ:** ସାରା ଅଲି ଖାନ୍ ଜଣେ ପେସାଦାର ଅଭିନେତ୍ରୀ ବୋଲି 'କେଦାରନାଥ'ର ଅନ୍ୟତମ ଅଭିନେତା ତରୁଣ ଗେହଲଟ୍ ପ୍ରକାଶ କରିଛନ୍ତି। ତାଙ୍କ କହିବାନୁସାରେ ସାରା ଜଣେ ନମ୍ର ସ୍ୱଭାବର ବ୍ୟକ୍ତି। ଫିଲ୍ମରେ ପ୍ରଥମକରି ପାଦ ଦେଇଥିଲେ ବି ସେ ଜଣେ ପରିପକ୍ୱ କଳାକାର। ତାଙ୍କ ସହିତ କାର୍ଯ୍ୟ କରିବାରେ ବିସ୍ମୟଜନକ ଅନୁଭୂତି ସୃଷ୍ଟି ହୋଇଥାଏ। ଯଦିଓ ଏହି ଫିଲ୍ମରେ ତାଙ୍କ ସହିତ ମୋର ଅଭିନୟ ସୀମିତ କିନ୍ତୁ ତାଙ୍କ ସହ ଶୁଟିଂ ବେଳର ଅନୁଭୂତି ଖୁବ୍ ରୋମାଞ୍ଚକର ବୋଲି ତରୁଣ କହିଛନ୍ତି। 'କେଦାରନାଥ'ରେ ତରୁଣ ଜଣେ ପିଠୁ ଲିଡର (ଯେଉଁ ବ୍ୟକ୍ତି ତୀର୍ଥଯାତ୍ରୀଙ୍କୁ ପିଠିରେ ବୋହିନିଅନ୍ତି) ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମ ସମ୍ପର୍କରେ ବିସ୍ତୃତ ବିବରଣୀ ଦେବାକୁ ଯାଇ ତରୁଣ କହନ୍ତି, ଏହି ଫିଲ୍ମରେ କାମକରିବା ଖୁବ୍ ଚ୍ୟାଲେଞ୍ଜିଙ୍ଗ୍ ଥିଲା।







ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ଶଙ୍ଖପୁର ଗ୍ରାମ୍ୟ ଜଙ୍ଗଲରୁ ଶୁକ୍ରବାର ଏକ ଛୁଆ ଦନ୍ତାହାତୀର ମୃତଦେହ ଉଦ୍ଧାର କରାଯାଇଛି । ଖବରପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ହାତୀର ବୟସ ମାସେରୁ ୨ ମାସ ଭିତରେ ହେବ । ଦିନେ କିମ୍ବା ଦୁଇ ଦିନ ପୂର୍ବରୁ ଏହାର ମୃତ୍ୟୁ ହୋଇଥିବା ବିଭାଗ ପକ୍ଷରୁ ଅନୁମାନ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ରେଞ୍ଜର ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି ।








## ସଞ୍ଜୟ ସିଂ ନୂଆ ସୂଚନା ଓ ଲୋକସମ୍ପର୍କ ସଚିବ ନିଯୁକ୍ତ



ଭୁବନେଶ୍ୱର, ୭।୧୨ (ବ୍ୟୁରୋ)

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ସଞ୍ଜୟ ସିଂଙ୍କୁ ଶୁକ୍ରବାର ରାଜ୍ୟ ସରକାର ସୂଚନା ଓ ଲୋକସମ୍ପର୍କ ସଚିବ ଭାବେ ନିଯୁକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ସାଧାରଣ ପ୍ରଶାସନ ବିଭାଗରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସଞ୍ଜୟ ପୂର୍ବପରି ଇଡ୍‌କୋ ସିଏମ୍‌ଡି ଓ ବୈଷୟିକ ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପୂର୍ବରୁ ଶକ୍ତି ସଚିବ ହେମନ୍ତ ଶର୍ମା ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଇ ଆସୁଥିଲେ।

# ଏସ୍‌ପିଆର୍ ପାଇଁ ସହଯୋଗ କରନ୍ତୁ

### ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର, ୭।୧୨(ବ୍ୟୁରୋ)

ଯାଜପୁର ଜିଲାର ଚଣ୍ଡିଖୋଲଠାରେ ୪ ନିୟୁତ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ (ଏସ୍‌ପିଆର୍) ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି । ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ବାବଦରେ ଚିଠି ଲେଖି ୬,୫୦୦ କୋଟି ଟଙ୍କାର ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ ନେଇ ସହଯୋଗ କରିବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କୁ ୬ଟି ପ୍ରସଙ୍ଗରେ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ପ୍ରକଳ୍ପକୁ ଇଡ୍‌କୋ ଦ୍ୱାରା ସିଙ୍ଗିଲ୍ ୱିଣ୍ଡୋ ଅନୁମତି ପ୍ରଦାନ କରାଯାଉ । ଏଥିପାଇଁ ସରକାରଙ୍କ ମାଲିକାନାରେ ଥିବା ୬ଶହ ଏକର ଜମି ସହିତ ବିଜୁଳି ଓ ପାଣିର ବ୍ୟବହାର ପାଇଁ ଅନୁମତି ଯୋଗାଇ ଦିଆଯାଉ। ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ଅନୁମତି ଦରକାର। ପ୍ରସ୍ତାବିତ ଅଞ୍ଚଳରେ ପଥର ଖନନ କାମକୁ ବନ୍ଦ କରାଯାଉ। ପ୍ରଦୂଷଣ ବୋର୍ଡ଼ର ଅନୁମତି ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ସରକାର ତୁରନ୍ତ ଅନୁମତି ପ୍ରଦାନ କରନ୍ତୁ। ଜୁନ୍ ୨୦୧୮ରେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର କ୍ୟାବିନେଟ୍ ଅନୁମତି ପ୍ରଦାନ କରିଥିଲା। ଏହି ପ୍ରକଳ୍ପ ରାଜ୍ୟକୁ ବିଶ୍ୱର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏଥିରେ ୬,୫୦୦କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ପାରାଦୀପଠାରେ ପ୍ରତିଷ୍ଠା ହେବାକୁ ଥିବା ପିସି ପିଆଇଆର୍ ପ୍ରକଳ୍ପର ସହଯୋଗୀ ହେବାସହ ରାଜ୍ୟ ପେଟ୍ରୋଲିୟମ ଉତ୍ପାଦଗୁଡ଼ିକର ପେଣ୍ଠସ୍ଥଳୀ ହୋଇପାରିବ। ଏହାଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସମ୍ଭାବନା ତିଆରି ହୋଇପାରିବ। ଏହାର ନିର୍ମାଣ କାର୍ଯ୍ୟ ୫ବର୍ଷରେ ଶେଷହେବ। ଦୈନିକ ୪ହଜାର ଲୋକ ଏଥିରେ କାମ କରିବାର ସୁଯୋଗ ପାଇବେ। ଏହି ପ୍ରକଳ୍ପ ପାଇଁ ଆନୁଷଙ୍ଗିକ ଶିଳ୍ପ ବିଶେଷ ଭାବରେ ଟ୍ରାଭେଲ୍ ଓ ହସ୍ପିଟାଲିଟି ସେବାର ଆବଶ୍ୟକତାକୁ ବୃଦ୍ଧି କରିବ। ଏହାର କ୍ରିୟାନ୍ୱୟନ ହେବା ଦ୍ୱାରା ଆନୁମାନିକ ୧୬.୬ ନିୟୁତ ମେଟ୍ରିକ୍ ଟନ୍ ପଥର ବାହାରିବ, ଯାହା ସହରାଞ୍ଚଳ, ରାଜମାର୍ଗ ଏବଂ ବନ୍ଦର ନିର୍ମାଣର ଭିତ୍ତିଭୂମିର ବିକାଶ ଦିଗରେ ବ୍ୟବହାର ହୋଇପାରିବ। ଏହି ପଥର ବିକ୍ରି ରାଜ୍ୟ ସରକାରଙ୍କ ଟିକସ ବୃଦ୍ଧିରେ ସହାୟକ ହେବ। ଅକ୍ଟୋବର ୨୦୧୮ରେ ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହିସମୟରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସଚିବ ଏମ୍‌ଏମ୍ କୁଟ୍ଟେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମଧ୍ୟ ଲେଖିଥିଲେ।

ବୈଠକ ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ରାଜ୍ୟ ଅଫିସରମାନଙ୍କ ଏକ ଟିମ୍ କର୍ନାଟକ ରାଜ୍ୟର ମାଙ୍ଗାଲୁର ଓ ପଦୁରଠାରେ ଥିବା ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ବୁଲି ଦେଖିବା ପାଇଁ ସହମତି ପ୍ରକାଶ ପାଇଥିଲା। ଚଣ୍ଡିଖୋଲଠାରେ ପ୍ରସ୍ତାବିତ ପ୍ରକଳ୍ପ ଢାଞ୍ଚାରେ ସେଠାରେ ନିର୍ମିତ ହୋଇଥିବା ପ୍ରକଳ୍ପ ଦ୍ୱୟ ବୁଲି ଦେଖିବାକୁ ମଧ୍ୟ ରାଜ୍ୟ ଅଧିକାରୀମାନେ ରାଜି ହୋଇଥିଲେ। ଏହାଦ୍ୱାରା ଚଣ୍ଡିଖୋଲ ପ୍ରକଳ୍ପ ଓ ଏଥିରୁ ବାହାରିବାକୁ ଥିବା ବର୍ଜ୍ୟ ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିହେବ। ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

## ଅଭିଜିତ୍‌ଙ୍କୁ ଉପଲକ୍ଷ୍ୟ କରି କାଟ୍‌ଜୁଙ୍କ କଟାକ୍ଷ

**ଭୁବନେଶ୍ୱର, ୭।୧୨ (ବ୍ୟୁରୋ):** ଅଭିଜିତ୍ ଆୟର ମିତ୍ର ମୁକୁଳିବାର ୨୪ ଘଣ୍ଟା ହୋଇନାହିଁ। ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ମାର୍କଣ୍ଡେୟ କାଟ୍‌ଜୁଙ୍କ ଫେସବୁକ୍ ପୋଷ୍ଟ ନୂଆ ବିବାଦକୁ ଜନ୍ମ ଦେଇଛି। ସାମାଜିକ ଗଣମାଧ୍ୟମରେ କାଟ୍‌ଜୁ କହିଛନ୍ତି, ଓଡ଼ିଆମାନେ, ମୁଁ ପୂର୍ବରୁ ତୁମକୁ ନେଇ ଥଟ୍ଟା କରିଥିଲି। ତେଣୁ ମୁଁ କେବେ ଜେଲ୍ ଯିବି। ନିଶ୍ଚିତଭାବେ ମୁଁ ଅଭିଜିତ୍‌ଙ୍କ ଭଳି କ୍ଷମା ପ୍ରାର୍ଥନା କରିଥିଲି। ହେଲେ ମୁଁ ହାଜତ ଭିତରକୁ ୪୩ ଦିନ ଯାଇ ମୁକୁଳିବାକୁ ଚାହୁଁଛି। ମୁଁ ମଣିପୁର ଥଟ୍ଟାମଜା ଜାଣିନାହିଁ। ତେଣୁ ତାଙ୍କ ମୁଖ୍ୟମନ୍ତ୍ରୀଙ୍କୁ କ୍ଷୁଦ୍ର ଏକଛତ୍ରବାଦୀ କହିଥିଲି। କାରଣ ସେ ଖବରଦାତା କିଶୋରଚନ୍ଦ୍ର ୱାଙ୍ଗଖେମ୍‌ଙ୍କୁ ବନ୍ଦୀ କରିଥିଲେ। ମୁଁ ତାଙ୍କୁ ଏକଛତ୍ରବାଦୀ କହିପାରିବି ନାହିଁ। କାରଣ ଏହା ଦିଲ୍ଲୀରେ ରହୁଥିବା (ଯଦି ସେ ବିଦେଶ ଗସ୍ତରେ ନ ଥା'ନ୍ତି) ଜଣୈକ ୫୬ ଇଞ୍ଚ ଛାତି ଥିବା ବ୍ୟକ୍ତିଙ୍କ ପାଇଁ ଅଧିକ ପ୍ରଯୁଜ୍ୟ। ମୁସଲିମ୍ ଏବଂ ସଞ୍ଜୀବ ଭଟ୍ଟ ଏହା ସପକ୍ଷରେ ସାକ୍ଷ୍ୟ ଦେଇପାରନ୍ତି। ତେଣୁ ମୁଁ ଅପେକ୍ଷା କରିଛି, କେବେ ମୋ ପଛରେ ଗୁପ୍ତ ପୋଲିସ ପଠାଯାଉଛି। ପୂର୍ବରୁ କାଟ୍‌ଜୁ ଶିରୋନାମାରେ ଦେଶ ମଧ୍ୟରେ ଏକଛତ୍ରବାଦ ବୃଦ୍ଧି ପାଉଥିବା ଲେଖି କଟାକ୍ଷ କରିଛନ୍ତି। ପୂର୍ବରୁ ମଧ୍ୟ କାଟ୍‌ଜୁ ବିବାଦୀୟ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ରହି ହଟହଟା ହୋଇସାରିଛନ୍ତି।

### ଶିମ୍ବଲଟା ଛେଳି ଖାଇବାକୁ ନେଇ ଗଣ୍ଡଗୋଳ

## ଠେଙ୍ଗା ମାଡ଼ରେ ମହିଳାଙ୍କ ଜୀବନ ଗଲା

**ଶେରଗଡ, ୭।୧୨ (ଡି.ଏନ୍.ଏ.):** ଗଞ୍ଜାମ ଜିଲା ଶେରଗଡ ଥାନା ତୋଟାସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ବାଡ଼ରେ ମାଡିଥିବା ଶିମ୍ବଲଟା ଛେଳି ଖାଇବାକୁ ନେଇ ଗଣ୍ଡଗୋଳ ଓ ପରେ ଠେଙ୍ଗାମାଡ଼ରେ ଗୁରୁତର ଜଣେ ମହିଳାଙ୍କର ଗୁରୁବାର ରାତିରେ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ତୋଟାସାହିର କୋରୀ ବେହେରା। ଅଭିଯୁକ୍ତ ଛେଳି ଚରାଳି ଭଗବାନ ଗୌଡଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି।

ପ୍ରକାଶ ଯେ, ଗୁରୁବାର ସନ୍ଧ୍ୟାରେ ତୋଟାସାହିର କୋରୀଙ୍କ ବାଡରେ ମାଡିଥିବା ଶିମ୍ବଲଟା ଛେଳିପଲ ଖାଇ ଯାଇଥିଲେ। ତେଣୁ କୋରୀ ଛେଳିଚରାଳି ଭଗବାନଙ୍କୁ ଏଥିପାଇଁ ଗାଳିଗୁଲଜ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଭଗବାନ ଧରିଥିବା ଠେଙ୍ଗାରେ କୋରୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଶେରଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ରାତି ପ୍ରାୟ ସାଢେ ଗୋଟାଏରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏ ନେଇ ମୃତା କୋରୀଙ୍କ ଝିଅ ନମିତା ଶୁକ୍ରବାର ଶେରଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୦୪ /୧୮ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ ଭଗବାନଙ୍କୁ ଶନିବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି।










# ଏଟିଏମ୍ ତାଡିନେଲେ ଦୁର୍ବୃତ୍ତ

**ସଜନାଗଡ଼/ନୀଳଗିରି, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ଚଣ୍ଡି ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ଆକ୍ସିସ୍ ବ୍ୟାଙ୍କର ଏଟିଏମ୍‌କୁ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଡି ନେଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଲୋକେ ଏଟିଏମ୍‌କୁ ଟଙ୍କା ଉଠାଣ ପାଇଁ ଯାଇଥିବା ବେଳେ ଏହି ଘଟଣା ଦେଖି ନୀଳଗିରି ଥାନାକୁ ଖବର ଦେଇଥିଲେ। ନୀଳଗିରି ପୋଲିସ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଟିଏମ୍‌ରେ ୧୭ଲକ୍ଷ ୪୯ହଜାର ୩ଶହ ଟଙ୍କା ଥିବା ବେଳେ ସେଥିରୁ ୯ଲକ୍ଷ ୧୦ହଜାର ୩ଶହ ଟଙ୍କା ଚୋରି ହୋଇଥିବା ଏଟିଏମ୍ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।


ଲୁଟ୍ ହୋଇଥିବା ଏଟିଏମ୍।

ଏ ନେଇ ନୀଳଗିରି ଥାନାରେ ମାମଲା (ନଂ. ୨୬୭/୧୮) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବାର ନୀଳଗିରି ଆଇଆଇସି ନଳିତା ମୋଦି କହିଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


→ ଚିତ୍ତରଞ୍ଜନ


→ ବିଶ୍ୱଜିତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି

**ସିମୁଳିଆ, ୭।୧୨(ଡି.ଏନ.ଏ.):** ସିମୁଳିଆ ଥାନା ବରି ଅଞ୍ଚଳର କରୁଣାକର ବେହେରାଙ୍କ କବାଟ ଭାଙ୍ଗି ଗୁରୁବାର ବିଳମ୍ବିତ ରାତ୍ରିରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଚୋରି ହୋଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ରାତିରେ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରର ମୁଖ୍ୟ ଦ୍ୱାର କବାଟ ଭାଙ୍ଗି ଭିତରକୁ ପଶିଥିଲେ ହେଁ ପରିବାର ଲୋକେ ଜାଣିପାରି ନ ଥିଲେ। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ବାହାନଗା ବଜାର ସଫେଇ



**ବାହାନଗା, ୭।୧୨(ଡି.ଏନ.ଏ.):** ବାହାନଗା ବଜାରରେ ଓଡ଼ିଶା ସୁରକ୍ଷା ସେନା ଯୁବ ଟିମ୍ ପକ୍ଷରୁ ସଫେଇ କରାଯାଇଥିଲା। ଏହି ସଫେଇ ବାହାନଗା ବଜାରର ଓଭରବ୍ରିଜ୍‌ଠାରୁ ଆରମ୍ଭ ହୋଇ ବାହାନଗା ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ସେନାର ଯୁବ ଶାଖା ସଭାପତି ପ୍ରକାଶ ରାଉତଙ୍କ ନେତୃତ୍ୱରେ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବସେନାର ସମ୍ପାଦକ ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଚନ୍ଦନ ବେହେରା, ସର୍ବେଶ୍ୱର ମହାଲିକ, ସ୍ୱପ୍ନଜିତ୍ ବେହେରା, ସୋମ୍ୟରଞ୍ଜନ ସ, ମାନସ ରଞ୍ଜନ ସାହୁ, ସରୋଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଯୁବକଙ୍କ ଉପରେ ମାଡିଗଲା ଟ୍ରକ୍

**ବାହାନଗା, ୭।୧୨(ଡି.ଏନ.ଏ.):** ବାହାନଗା ବ୍ଲକ ସାମ୍ନା ୧୬ ନଂ. ଜାତୀୟ ରାଜପଥ ଉପରେ ଜଣେ ଅଜଣା ଯୁବକଙ୍କ ଉପରେ ଏକ ମାଲ ବୋଝେଇ ଟ୍ରକ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ କେନ୍ଦ୍ର କରି ଲୋକେ ସଙ୍ଗେ ସଙ୍ଗେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ରାସ୍ତାର ଦୁଇ କଡରେ ବସ୍, ମାଲ୍ ବୋଝେଇ ଟ୍ରକ୍ ସବୁ ଜାମ୍ ହୋଇଯାଇଥିଲା। ସୋର ଥାନା ପୋଲିସ ପହଞ୍ଚିବା ପରେ ରାସ୍ତାରୁ ଅବରୋଧ ହଟିଥିଲା। ପରେ ରାସ୍ତାରୁ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ସୋର ହସ୍‌ପିଟାଲକୁ ପଠାଯାଇଥିଲା। ଉକ୍ତ ଯୁବକଙ୍କ ପରିଚୟ ମିଳିନାହିଁ। ସେରଗଡ ଫାଣ୍ଡି ପୋଲିସ ମାଲ୍ ବୋଝେଇ ଟ୍ରକ ଜବତ କରିଛି।

### ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଧାରଣା

**ଚାନ୍ଦବାଲି, ୭।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ମୋଦି ସେନା ପକ୍ଷରୁ ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଧାରଣା ଦିଆଯାଇଥିଲା। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମତେ ୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ସହ ରୋଗୀଙ୍କୁ ମାଗଣାରେ ସମସ୍ତ ଔଷଧ ଯୋଗାଣ, ରକ୍ତଭଣ୍ଡାର ପ୍ରତିଷ୍ଠା ଆଦି ଦାବି କରାଯାଇଥିଲା। ଭଦ୍ରକ ସିଡିଏମ୍‌ଓ ଡ.ମହମ୍ମଦ ଅବଦୁଲ ରସିଦ ପହଞ୍ଚି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ଜୋର୍

**ବାଲେଶ୍ୱର ଅଫିସ, ୭।୧୨**

ଆଗାମୀ ସାଧାରଣ ନିର୍ବାଚନ ଖୁବ୍‌ଶୀଘ୍ର ହେବ ବୋଲି ସୂଚନାକୁ ଆଧାର କରି ପ୍ରଶାସନିକ ସ୍ତରରେ ପ୍ରସ୍ତୁତି କାର୍ଯ୍ୟ ଜୋର ଧରିଛି। ଏବେ ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ଚାଲିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାର ବାଲେଶ୍ୱରରେ ପହଞ୍ଚି ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବା ସହ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ ପ୍ରଥମେ ରେମୁଣା ନିର୍ବାଚନମଣ୍ଡଳୀର ଗଣେଶ୍ୱରପୁର ବୁଥ୍ ନଂ. ୯୬, ୧୦୬, ବାଲିଆ ବୁଥ୍ ନଂ. ୧୭୬, ୧୭୭, ୧୭୮ ପରିଦର୍ଶନରେ ଯାଇ ସେଠାରେ ଉପଲବ୍ଧ ସୁବିଧା ସୁଯୋଗ ଅନୁଧ୍ୟାନ କରିଥିଲେ। ବିଭିନ୍ନ ବୁଥରେ ଦିବ୍ୟାଙ୍ଗମାନଙ୍କ ସୁବିଧା ନିମନ୍ତେ ନିର୍ମାଣ କରାଯାଇଥିବା ର୍‍ୟାମ୍ପ ଓ ରେଲିଂ ବୁଲି ଦେଖିଥିଲେ। ବୁଥ୍‌ରେ ବିଜୁଳି ଯୋଗାଣ,

**ନିର୍ବାଚନ ପ୍ରସ୍ତୁତି ତଦାରଖ ଓ ସମୀକ୍ଷା କଲେ ରାଜସ୍ୱ ସଚିବ**


ଅଧିକାରୀମାନଙ୍କ ସହ ରାଜସ୍ୱ ସଚିବ ଆଲୋଚନା କରୁଛନ୍ତି।

ପାଇଖାନା ଓ ପାନୀୟଜଳ ବ୍ୟବସ୍ଥା ଭଳି ସୁବିଧା ରହିଛି କି ନାହିଁ ତାହା ତଦାରଖ କରିଥିଲେ। ଏଥିସହ ବୁଥ୍‌ସ୍ତରରେ ଭୋଟର, ରାଜନୈତିକ ଦଳର ପ୍ରତିନିଧି, ଏଜେଣ୍ଟ ଏବଂ ବିଏଲଓମାନଙ୍କ ସହ ସିଧାସଳଖ ବାର୍ତ୍ତାଳାପ କରି ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ସମ୍ବନ୍ଧରେ ସ୍ଥାନୀୟ ଲୋକେ କିପରି ଅବଗତ ଅଛନ୍ତି ଏବଂ ନୂତନ ଭୋଟରମାନେ ଏହାର ସୁଯୋଗ ନେଉଛନ୍ତି କି ନାହିଁ ତାହା ସେ ପଚାରି ବୁଝିଥିଲେ।

ଅପରାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ଆରଓ, ଏଇଆରଓ, ତହସିଲଦାର, ବିଡ଼ିଓ ଓ ନିର୍ବାଚନ ପ୍ରକ୍ରିୟାରେ ସାମିଲ ଅଧିକାରୀଙ୍କ ଉପସ୍ଥିତିରେ ସଂକ୍ଷିପ୍ତ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ସମ୍ବନ୍ଧୀୟ ଅନ୍ୟ ବିଷୟରେ ସମୀକ୍ଷା ବୈଠକ ବସିଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଏଥିରେ ଯୋଗଦେଇ ଆଗାମୀ ନିର୍ବାଚନରେ ଯେପରି କୌଣସି ଭୋଟର ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି ତାହା ଉପରେ ଆଲୋକପାତ କରିଥିଲେ। ନୂତନ ଭୋଟର ପଞ୍ଜୀକରଣ ନିମନ୍ତେ ଚାଲିଥିବା ସ୍ୱତନ୍ତ୍ର ଅଭିଯାନକୁ ସଫଳ କରିବା ସହ ୧୮ରୁ ୧୯ ବର୍ଷ ମଧ୍ୟରେ ସମସ୍ତ ନୂତନ ଭୋଟରଙ୍କୁ ତାଲିକାଭୁକ୍ତ କରିବା ନେଇ ନିର୍ବାଚନ କମିଶନରଙ୍କ ଗାଇଡ଼ଲାଇନ୍ ଅନୁପାଳନ ନିମନ୍ତେ ସେ ପରାମର୍ଶ ଦେଇଥିଲେ। ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂ, ସମସ୍ତ ତହସିଲଦାର, ବିଡ଼ିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲାଞ୍ଚ ନେଇ ପିଇଓ ଗିରଫ

**ବାଲେଶ୍ୱର ଅଫିସ, ୭।୧୨**

ଇନ୍ଦିରା ଆବାସ ହିତାଧିକାରୀଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦହପଡ଼ା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) କିଶୋର ଚନ୍ଦ୍ର ଦାସ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶୁକ୍ରବାର ତାଙ୍କୁ ଗିରଫ କରାଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ମାମଲା (ନଂ. ୪୮/୨୦୧୮) ରୁଜୁ କରାଯାଇଛି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

ଦହପଡ଼ା ଗ୍ରାମର ମଧୁସୂଦନ ଜେନା ଇନ୍ଦିରା ଆବାସ ପାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିଥିଲେ। ନିୟମାନୁସାରେ ହିତାଧିକାରୀ ପ୍ରଥମ କିସ୍ତି


କାର୍ଯ୍ୟନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ଦାସ

ପାଇବାର ୪ ମାସ ଭିତରେ କାର୍ଯ୍ୟ ଶେଷ କଲେ ୨୦ ହଜାର ଏବଂ ୬ମାସ ମଧ୍ୟରେ କାର୍ଯ୍ୟ ଶେଷ କଲେ ୧୦ ହଜାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଏ। ଏହି ପ୍ରୋତ୍ସାହନ ରାଶି ପାଇବା ନିମନ୍ତେ ପିଇଓ ଦାସ ତାଙ୍କୁ ବିଭିନ୍ନ ଆଳ ଦେଖାଇ ପ୍ରାପ୍ୟରୁ ବଞ୍ଚିତ କରିଆସୁଥିଲେ। କିଛିଦିନ ହେଲା ମଧୁସୂଦନ ଭିଜିଲାନ୍ସ ସହାୟତା ନେଇଥିଲେ। ସେ ଯୋଜନାବଦ୍ଧ ଭାବରେ ପିଇଓ ଦାସଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ଯୋଜନା ଅନୁସାରେ ଶୁକ୍ରବାର ପୂର୍ବାହ୍ନରେ ମଧୁସୂଦନ ପିଇଓଙ୍କ ମାଣିଖମ୍ବସ୍ଥିତ ବାସଭବନରେ ପହଞ୍ଚି ୨ହଜାର ଟଙ୍କା ଲାଞ୍ଚ ଦେଉଥିଲେ। ଏହି ସମୟରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ପିଇଓଙ୍କୁ ଗିରଫ କରିଥିଲା। ପରେ ଭିଜିଲାନ୍ସ ଟିମ୍ ତାଙ୍କ ବାସଭବନ ଉପରେ ଚଢ଼ାଉ କରି ତଦନ୍ତ କରିଥିଲା। ଭିଜିଲାନ୍ସ ଡିଏସ୍‌ପି ସୁନୀଲ କୁମାର ସେନାପତିଙ୍କ ନିର୍ଦ୍ଦେଶରେ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ ଓ ଇନ୍ସପେକ୍ଟର ମାନସୀ ଜେନା ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ଆତ୍ମସୁରକ୍ଷା କୌଶଳ ଶିଖିଲେ ଛାତ୍ରୀ

**ଔପଦା, ୭।୧୨(ଡି.ଏନ.ଏ.)**

ଔପଦା ବ୍ଲକ ସଦର ମହକୁମାରେ ଅବସ୍ଥିତ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ସଂସ୍କୃତ, ସାହିତ୍ୟ ଅଧ୍ୟାପକ ସନାତନ ଦାଶ ଏବଂ ସଂଯୋଜିକା ପ୍ରତିମାରାଣୀ ନାୟକ ଯୋଗଦେଇ ନାରୀ ଜାତିର ସୁରକ୍ଷା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ଶିବିରରେ ପ୍ରଶିକ୍ଷିକା କ୍ରିଷ୍ଣାପ୍ରଭା ପଣ୍ଡା ଯୋଗ ଦେଇଥିବା ବେଳେ ଅଧ୍ୟାପକ ଶରତ କୁମାର ମହାନ୍ତି ଅତିଥି ପରିଚୟ ଓ କମଳ କୁମାର ବାରିକ ଧନ୍ୟବାଦ ଦେଇଥିଲେ। ଶିବିରରେ ଅଧ୍ୟାପକ କୈଳାସ ଚନ୍ଦ୍ର ମିଶ୍ର, ଜଗବନ୍ଧୁ ପାଢୀ, ମାୟାଧର ଦାଶଙ୍କ ସମେତ କର୍ମଚାରୀ ଗୋପାଳ ପ୍ରସାଦ ପଣ୍ଡା ଓ ନଟବର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଏଏସ୍‌ଆଇ ଆହତ

**ଖଇରା, ୭।୧୨(ଡି.ଏନ.ଏ.)**

ସୋର-କୁପାରୀ ରାସ୍ତାରେ ପାଟ୍ରୋଲିଂ ସମୟରେ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଖଇରା ଥାନା ଏଏସ୍‌ଆଇ ପ୍ରଦୀପ କୁମାର ମହାନ୍ତି ଓ ଡ୍ରାଇଭର ପ୍ରଭାକର ସେଠୀ ଆହତ ହୋଇଛନ୍ତି। ଏହାସହ ଗାଡ଼ି ଭାଙ୍ଗିରୁଜି ଯାଇଛି। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଛି। ଗୁରୁବାର ରାତିରେ ଥାନା ବୋଲେରୋ ତୁଡ଼ିଗଡ଼ିଆରୁ ପାଟ୍ରୋଲିଂ ସାରି ଖଇରା ଫେରୁଥିବା ବେଳେ ଦେଉଳୀ ଛକ ନିକଟରେ ଏକ ଷଣ୍ଢ ସହ ଧକ୍କା ହୋଇଥିଲା ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

### ଭିଡିଓ ଭାଇରାଲ ପରେ ଚର୍ଚ୍ଚାରେ ନୀଳଗିରି ଜେଲ୍

## ତଦନ୍ତ କଲେ ସିନିୟର ସୁପରିଣ୍ଟେଣ୍ଡେଣ୍ଟ

**ସଜନାଗଡ଼, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ନୀଳଗିରି ସବ୍‌ଜେଲର ଜଣେ ଉଚ୍ଚ ଅଧିକାରୀଙ୍କ ସ୍ୱାମୀ ଜେଲ ଭିତରେ ଅନୁପ୍ରବେଶ କରି ସମସ୍ତ ସରକାରୀ କାର୍ଯ୍ୟ କରୁଥିବାର ଭିଡିଓ ଭାଇରାଲ ହେବା ଓ ଏହି ଖବର ଗଣମାଧ୍ୟମରେ ପ୍ରଚାର ହେବା ପରେ ବିଭାଗ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି। ବାରିପଦା ସର୍କଲ୍ ଜେଲ୍‌ର ସିନିୟର ସୁପରିଣ୍ଟେଣ୍ଡେଣ୍ଟ ନିରଞ୍ଜନ ଦାସ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ନୀଳଗିରି ସବ୍‌ଜେଲରେ ପହଞ୍ଚି ଏ ସମ୍ପର୍କରେ ପଚରାଉଚୁରା କରି ତଦନ୍ତ ଆରମ୍ଭ କରିଛନ୍ତି। ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏହି ତଦନ୍ତ ରିପୋର୍ଟ ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।


ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଜେଲ୍‌ରୁ ତଦନ୍ତ କରି ବାହାରୁଛନ୍ତି।

ନୀଳଗିରି ସବ୍‌ଜେଲ ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀ ଦୀର୍ଘ ୨ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ସ୍ୱାମୀ ବିଭିନ୍ନ ସମୟରେ ଜେଲ୍‌କୁ ଯାଇ ଗୁରୁତ୍ୱପୂର୍ଣ୍ଣ କାମ ତୁଲାଉଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଦାସ ପଚରାଉଚୁରା କରିଥିଲେ। ସମ୍ପୃକ୍ତ ଅଧିକାରୀ କମ୍ପ୍ୟୁଟର ଶିଖି ନ ଥିବାରୁ ତାଙ୍କ ସ୍ୱାମୀଙ୍କୁ ଜେଲ୍ ଭିତରକୁ ଡାକି ସହଯୋଗ ଲୋଡିଥିବା କହିଥିଲେ। ଏଥିପାଇଁ ଆବଶ୍ୟକ ଅନୁମତି ନିଆଯାଇଥିଲା କି ନାହିଁ ତଦନ୍ତ ଅଧିକାରୀ ପଚରାଉଚରା କରି ଯାଞ୍ଚ କରିଥିଲେ। ତେବେ ତଦନ୍ତରୁ କଣ ତଥ୍ୟ ମିଳିଲା ସେ ସମ୍ପର୍କରେ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ଦାସ କିଛି କହି ନ ଥିଲେ। ଉଲ୍ଲେଖନୀୟ ଯେ, ସବ୍‌ଜେଲ ପରିଚାଳନା କାର୍ଯ୍ୟରେ ବେସରକାରୀ ଲୋକଙ୍କ ହସ୍ତକ୍ଷେପ କଥା ପଦାକୁ ଆସିବା ପରେ ବୁଦ୍ଧିଜୀବୀଙ୍କୁ ଆଲୋଡିତ କରିଛି। ସବ୍‌ଜେଲ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି

**ବସ୍ତା, ୭।୧୨(ସ୍ୱ.ପ୍ର.)**

ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତର ଝିଙ୍ଗିପୁରା ଗ୍ରାମରେ ୨୫୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଚକଡ଼ା ପୋକ ଲାଗି ଚାଷ କ୍ଷତିଗ୍ରସ୍ତ ହୋଇଛି। ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର କ୍ଷତିଗ୍ରସ୍ତ ଚାଷୀଙ୍କର ଚାଷଜମି ପରିଦର୍ଶନ କରିବା ସହ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ପ୍ରତିନିଧି ଦଳରେ ଭାଜପା କୃଷକମୋର୍ଚ୍ଚା ଜିଲା ଉପସଭାପତି ସୂର୍ଯ୍ୟନାରାୟଣ ସାହୁ, ଦରଡ଼ା ମଣ୍ଡଳ କୃଷକମୋର୍ଚ୍ଚା ପ୍ରଭାରୀ ଧୀରେନ ସେଠୀ, ସାଧାରଣ ସମ୍ପାଦକ ବସନ୍ତ ବାରିକ, ଯୁବମୋର୍ଚ୍ଚା ସଭାପତି ଭବଶଙ୍କର ବେହେରା, ପଞ୍ଚାୟତ ସଭାପତି ସୃଷ୍ଟିଧର ବେହେରା, ୱାର୍ଡ଼ସଭ୍ୟ ଦେବେନ୍ଦ୍ର ଗିରି, ଅଚ୍ୟୁତ ବେହେରା, ନବକାନ୍ତ ଗିରି, ଗୋପାଳ ବେହେରା ପ୍ରମୁଖ ସାମିଲ ଥିଲେ। ଉକ୍ତ ଗ୍ରାମର ଚାଷୀ ଗୁହୀନ ବେହେରା, ସନ୍ନ୍ୟାସୀ ନାୟକ, ଶମ୍ଭୁନାଥ ନାୟକ, ରାଜେନ୍ଦ୍ର ଗିରି ପ୍ରମୁଖ ପ୍ରତିନିଧି ଦଳଙ୍କୁ ଭେଟି ଚାଷ ପାଇଁ ନେଇଥିବା ଋଣ ଶୁଝିବାକୁ ସେମାନେ ସମର୍ଥ ହୋଇପାରୁ ନାହାନ୍ତି ବୋଲି କହିଥିଲେ। ଏହାସହିତ ତୁରନ୍ତ କୃଷିଋଣ ଛାଡ଼ କରିବାକୁ ଦାବି ଜଣାଇଥିଲେ। ଏହି ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବେ ବୋଲି କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।


କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ।

### ସମିତିସଭ୍ୟ, ୱାର୍ଡସଭ୍ୟ ଉପନିର୍ବାଚନ

# ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ

**ବାହାନଗା/ରେମୁଣା/ଖଇରା, ୭।୧୨(ଡି.ଏନ.ଏ.)**

ରେମୁଣା ବ୍ଲକ ତାଳପଦା ପଞ୍ଚାୟତର ସମିତିସଭ୍ୟ ନିମନ୍ତେ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ରେମୁଣା ବ୍ଲକ ପରିସରରେ ସକାଳ ୮ଟାରେ କଡା ସୁରକ୍ଷା ମଧ୍ୟରେ ଗଣତି ଆରମ୍ଭ ହୋଇଥିଲା। ଏଥିରେ ଭାଜପା ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀଙ୍କଠାରୁ ୭୪ଖଣ୍ଡ ଅଧିକ ଭୋଟ ପାଇ ବିଜେଡି ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବିଜୟୀ ପ୍ରାର୍ଥୀ ରମାକାନ୍ତ ମଲ୍ଲିକ ୧୧୩୮ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ହରେନ୍ଦ୍ର ମଲ୍ଲିକ ୧୦୬୪ ଖଣ୍ଡ ଭୋଟ ପାଇଛନ୍ତି। ରମାକାନ୍ତ ବିଜୟୀ ହୋଇଥିବା ପ୍ରଚାର ହେବା ପରେ ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି। ବିଜୟୀ ପ୍ରାର୍ଥୀଙ୍କ ସହିତ



ଏମ୍‌ପିଙ୍କ ସହ ରେମୁଣା ବ୍ଲକ୍ ତାଳପଦା ପଞ୍ଚାୟତ ବିଜୟୀ ସମିତିସଭ୍ୟ ଓ ଶ୍ରୀଜଙ୍ଗ ପଞ୍ଚାୟତର ୭ ନଂ. ୱାର୍ଡସଭ୍ୟ ଏବଂ ଖଇରା ବ୍ଲକ ସୁଣ୍ଡିରା ଗଣ୍ଡିବେଡ ପଞ୍ଚାୟତର ୧୫ନଂ. ପୂର୍ବପଡା ୱାର୍ଡସଭ୍ୟ।

ପଞ୍ଚାୟତ ନେତାମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଛନ୍ତି। ଏନେଇ ବିଭିନ୍ନ ଗ୍ରାମରେ ବିଜୟ ଉତ୍ସବ ମଧ୍ୟ ପାଳନ କରାଯାଇଛି। ସେହିପରି ଶ୍ରୀଜଙ୍ଗ ପଞ୍ଚାୟତର ୭ ନଂ. ୱାର୍ଡ଼ସଭ୍ୟ ଉପନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ବିଜେଡ଼ି ସମର୍ଥିତ ପ୍ରାର୍ଥୀ ପର୍ଶୁରାମ ବେହେରା ଭାଜପା ପ୍ରାର୍ଥୀ ବଂଶୀଧର ଗିରିଙ୍କଠାରୁ ୩୦ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି।

ସେହିପରି ଖଇରା ବ୍ଲକ ସୁଣ୍ଡିରା ଗଣ୍ଡିବେଡ ପଞ୍ଚାୟତର ୧୫ନଂ. ପୂର୍ବପଡା ୱାର୍ଡସଭ୍ୟ ପାଇଁ ଗୁରୁବାର ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଫଳାଫଳ ଘୋଷଣା ହୋଇଛି। ବିଜେଡି ସମର୍ଥିତ ପ୍ରାର୍ଥୀ ଭରତ ଚନ୍ଦ୍ର ଶିଅଳ ଭାଜପା ସମର୍ଥିତ ଝରଣା ଶିଅଳଙ୍କୁ ୬୮ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଭରତ ୧୨୧ଖଣ୍ଡ ଭୋଟ ପାଇଥିବା ବେଳେ ଝରଣା ୫୩ଖଣ୍ଡ ଭୋଟ ପାଇଛନ୍ତି। ଗୋଟିଏ ଭୋଟ ନାକଚ ହୋଇଯାଇଛି। ଭରତ ତାଙ୍କର ବିଜୟର ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ୱାର୍ଡର ସମସ୍ତ ବିଜେଡି କର୍ମୀଙ୍କୁ ଦେଇଛନ୍ତି।

ଧରିତ୍ରୀ DHARITRI
ଶନିବାର, ୮ ଡିସେମ୍ବର, ୨୦୧୮

ମଣିଷ ପ୍ରକୃତିର ଦିବ୍ୟରୂପାନ୍ତର ହେବ ବୋଲି ଆମେ ଯାହା କହୁଛୁ– ତାହା ହେଲା ତା'ପ୍ରକୃତିର ଏକ ସମ୍ପୂର୍ଣ୍ଣ ଓ ସମଗ୍ରିକ ପରିବର୍ତ୍ତନ। କେହି ଭାବିବା ଉଚିତ ନୁହେଁ ଯେ, ଏହା କେବଳ ଏକପ୍ରକାର ଉଚ୍ଚସ୍ତରୀୟ ମାନବିକତା ମାତ୍ର। ଦିବ୍ୟରୂପାନ୍ତର ହେଲା ଆମ ଅଜ୍ଞାନ ପ୍ରକୃତିର ମିଥ୍ୟାରୁ ମୁକ୍ତ ହୋଇ ଦିବ୍ୟ– ପ୍ରକୃତିର ସତ୍ୟ ସହିତ ଏକାତ୍ମ ହେବା। – ଶ୍ରୀଅରବିନ୍ଦ



# ସ୍ୱଚ୍ଛତା ଭେଳିକି



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି) ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁସାରେ ଅଧିକାଂଶ କେନ୍ଦ୍ର ସରକାରୀ ୱେବ୍‌ସାଇଟ୍ ନିଜ ଆଡ଼ୁ ଜନସୂଚନା ପ୍ରକାଶ କରୁନାହାନ୍ତି, ଯାହା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଅନୁଯାୟୀ ଏକ ବାଧ୍ୟତାମୂଳକ ବ୍ୟବସ୍ଥା। ସିଆଇସିଙ୍କ ଏହି ଅଧ୍ୟୟନରୁ ସ୍ୱତଃ ପ୍ରମାଣିତ ଯେ, ସ୍ୱଚ୍ଛତା କଥା ମୁହଁରେ କହୁଥିଲେ ମଧ୍ୟ ମୋଦି ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି ବୋଲି ସାଧାରଣରେ ଯେଉଁ ଅଭିଯୋଗ ଆସୁଛି, ତାହା ସତ୍ୟ। ପୂର୍ବତନ ମୁଖ୍ୟ ସୂଚନା କମିଶନର ଏ.ଏନ୍. ତିୱାରୀ ଓ ପୂର୍ବତନ ସୂଚନା ଆୟୁକ୍ତ ଏମ୍.ଏମ୍. ଅନ୍‌ସାରି ଏହି ଅନୁଧ୍ୟାନର ପରିଚାଳନା କରିଥିଲେ। ଅନୁଧ୍ୟାନର ଉଦ୍ଦେଶ୍ୟ ହେଉଛି ଆର୍‌ଟିଆଇ ଆଇନର ଧାରା ୪ ଅନୁସାରେ ବିଭିନ୍ନ ବିଭାଗର କର୍ତ୍ତୃପକ୍ଷ ସ୍ୱତଃପ୍ରବୃତ୍ତ ଭାବେ ବିଭିନ୍ନ ତଥ୍ୟ ପ୍ରକାଶ କରୁଛନ୍ତି କି ନା ତାହା ଦେଖିବା। କମିଟି ଏକ ମୂଲ୍ୟାୟନ ଫର୍ମାଟ ପ୍ରସ୍ତୁତ କରି ତାକୁ ପୂରଣ କରିବାକୁ ବିଭିନ୍ନ ବିଭାଗର କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ୨୦୯୨ ପବ୍ଲିକ୍ କର୍ତ୍ତୃପକ୍ଷଙ୍କ ମଧ୍ୟରୁ ମାତ୍ର ୮୩୮ ଜଣଙ୍କଠାରୁ ଉତ୍ତର ମିଳିଥିଲା। ସିଆଇସି ରିପୋର୍ଟରେ କୁହାଯାଇଛି ଯେ, ଯେଉଁସବୁ ପ୍ରଶ୍ନର ଉତ୍ତର ଦିଆଯାଇ ନାହିଁ, ସେଥିମଧ୍ୟରେ ଅଛି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ବିଭାଗଗୁଡ଼ିକରେ ବରିଷ୍ଠ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି, ବରିଷ୍ଠ ଅଧିକାରୀମାନଙ୍କ ଦେଶ ଓ ଦେଶ ବାହାରକୁ ଗସ୍ତ ଏବଂ ବିଭିନ୍ନ ରାଜନୈତିକ ଦଳକୁ ପାଣ୍ଠି ଯୋଗାଣର ପଦ୍ଧତି ଓ ଦାନ କରୁଥିବା ଲୋକମାନଙ୍କର ପରିଚୟ ସମ୍ବନ୍ଧିତ ପ୍ରଶ୍ନ। ଏଣୁ ମୋଦି ସରକାର ସଚ୍ଚୋଟତା ଓ ସ୍ୱଚ୍ଛତା ନାଁରେ ଭେଳିକି ଦେଖାଉଥିବା ଏଥିରୁ ପ୍ରମାଣିତ ହେଉଛି।

## ସରକାର ଚେଇଁଲେ

ସିବିଆଇ ଝଡ଼ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି)ଙ୍କ ବିରୋଧରେ ଆଗତ ଅସନ୍ତୋଷର ମୁକାବିଲା କରିବା ଲାଗି ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଆରମ୍ଭ କରିଥିବା ଜଣାପଡ଼ିଛି। ସିବିଆଇରେ ମୁଖିଆମାନଙ୍କ କଳି ଯୋଗୁ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ବିରୋଧରେ ଆଗତ ଅଭିଯୋଗର ତଦନ୍ତ ଶେଷ କରି ଦୁଇ ସପ୍ତାହ ଭିତରେ ରିପୋର୍ଟ ଦେବା ଲାଗି ସୁପ୍ରିମ୍‌କୋର୍ଟ ଦୁର୍ନୀତି ବ୍ୟାପାରରେ ସିବିଆଇ ଉପରେ ନଜର ରଖୁଥିବା ସିଭିସିକୁ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ, କାର୍ମିକ ମନ୍ତ୍ରଣାଳୟର ସୂଚନା ଅନୁସାରେ ସିଭିସି ବିରୋଧରେ କୌଣସି ଅଭିଯୋଗ ଆସିଲେ ତା'ର ପରିଚାଳନା କରିବା ଲାଗି ଅଦ୍ୟାବଧି କୌଣସି ମାର୍ଗଦର୍ଶିକା ନାହିଁ। ହ୍ୱିଶିଲ୍‌-ବ୍ଲୋୟର ବାବୁ ସଞ୍ଜୀବ ଚତୁର୍ବେଦୀ ଏକ ଆର୍‌ଟିଆଇ ଦରଖାସ୍ତ ମାଧ୍ୟମରେ ମାଗିଥିବା ତଥ୍ୟରୁ ଏହି କଥା ଜଣାପଡ଼ିଛି। ବାବୁ ଜଣକ କାର୍ମିକ ମନ୍ତ୍ରଣାଳୟ ସହ ରାଷ୍ଟ୍ରପତିଙ୍କ ସଚିବାଳୟ ମଧ୍ୟରେ ନିଜେ ବର୍ଷକ ତଳେ କରିଥିବା ଆବେଦନ ସମ୍ପର୍କରେ ହୋଇଥିବା ବାର୍ତ୍ତାଳାପର ନକଲ ମାଗିଥିଲେ। ଉକ୍ତ ଆବେଦନରେ ଚତୁର୍ବେଦୀ ସିଭିସି ଆଇନର ଧାରା ୬ ପ୍ରସଙ୍ଗ ଉତ୍ଥାପନ କରିଥିଲେ, ଯେଉଁ ଧାରା ଅନୁସାରେ ସିଭିସି ବିରୋଧରେ କୌଣସି ଅଭିଯୋଗ ଆସିଲେ ରାଷ୍ଟ୍ରପତି ସେ ମାମଲାର ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିପାରିବେ। ଚତୁର୍ବେଦୀଙ୍କ ଅଭିଯୋଗ ଅନୁସାରେ, ଦିଲ୍ଲୀର ଅଲ୍ ଇଣ୍ଡିଆ ମେଡିକାଲ ସାଇନ୍ସେସ୍ (ଏମ୍‌ସ)ର ବରିଷ୍ଠ ଅଧିକାରୀମାନଙ୍କ ବିରୋଧରେ ଆଗତ ଦୁର୍ନୀତି ମାମଲାକୁ ସିଭିସି ବନ୍ଦ କରିଦେଇଥିଲା। ତେଣୁ ସିଭିସି ବିରୋଧରେ ଏ ଅଭିଯୋଗର ତଦନ୍ତ କିପରି ହୋଇପାରିବ, ତାହା ଜାଣିବା ପାଇଁ ସେ ଉକ୍ତ ଆବେଦନ କରିଥିଲେ।

## ଦୁର୍ନୀତିଗ୍ରସ୍ତଙ୍କୁ ସମର୍ଥନ

ପୂର୍ବତନ ଆଇଏଏସ୍ ଅଫିସର ତଥା ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତା, କୋଇଲା ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ କେ.ଏସ୍. କ୍ରୋଫା ଏବଂ ଉକ୍ତ ମନ୍ତ୍ରଣାଳୟର ତତ୍କାଳୀନ ନିର୍ଦ୍ଦେଶକ କେ.ସି. ସାମ୍ରିଆଙ୍କୁ କୋଇଲା ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯିବା ଘଟଣା କେନ୍ଦ୍ରୀୟ ଆଇଏଏସ୍ ସଂଘ ପ୍ରତି ଚାପୁଡ଼ା ସଦୃଶ ହୋଇଛି। ପଶ୍ଚିମବଙ୍ଗରେ କୋଇଲା ବ୍ଲକ୍ ଆବଣ୍ଟନ ମାମଲାରେ ଏମାନେ ନିଜେ ଦୁର୍ନୀତି କରିବା ସହ ଆପରାଧିକ ଷଡ଼ଯନ୍ତ୍ର କରିଥିବା ନେଇ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଦଳେ ଅବସରପ୍ରାପ୍ତ ତଥା କାର୍ଯ୍ୟରତ ବାବୁ ସବୁବେଳେ ଦାବି କରିଆସୁଥିଲେ ଯେ ସେମାନଙ୍କ ପୂର୍ବତନ ସହକର୍ମୀମାନେ ନିର୍ଦ୍ଦୋଷ। ବୋଧହୁଏ ଉକ୍ତ ଦୁର୍ନୀତି ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଆଇଏଏସ୍ ସଂଘ ନିଜ ଟୁଇଟର ଲୋଗୋ ବଦଳାଇ ନିଜ ସହକର୍ମୀ ହିସାବରେ ଦୁର୍ନୀତିଗ୍ରସ୍ତ ବାବୁଙ୍କୁ ସମର୍ଥନ କରିଥିଲେ। ବାବୁ ଜଣକ ଦୋଷୀ ସାବ୍ୟସ୍ତ ହେବା ପରେ ମଧ୍ୟ ସଂଘ ପକ୍ଷରୁ ଟୁଇଟ୍ କରି ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଅମଲାତନ୍ତ୍ର ପାଇଁ କଳାଦିବସ ଭାବେ ଅଭିହିତ କରିଛି। ଏଭଳି ଦୁର୍ଦ୍ଦିନରେ ସେମାନେ ତାଙ୍କ ବନ୍ଧୁମାନଙ୍କ ସହ ରହିବେ ବୋଲି ସଂଘ ଜଣାଇଛି। ବାବୁ ମହଲରେ ଗୁପ୍ତା ଓଗେରଙ୍କର ଅନେକ ସମର୍ଥକ ଅଛନ୍ତି, ଏ କଥା ସତ। ମେ ୨୦୧୭ରେ ଗୁପ୍ତା ଓ ଅନ୍ୟ ଦୁଇ ଅଫିସର ଦୋଷୀ ସାବ୍ୟସ୍ତ ହୋଇ ଦୁଇବର୍ଷର ଜେଲ ଦଣ୍ଡାଦେଶ ପାଇଥିଲେ। କିନ୍ତୁ ସେମାନଙ୍କୁ ଜାମିନ ମିଳିଥିଲା। ବର୍ତ୍ତମାନ ସଂଘ ଦୋଷୀ ସାବ୍ୟସ୍ତ ବାବୁମାନଙ୍କୁ ପ୍ରକାଶ୍ୟରେ ସମର୍ଥନ କରିବା ଅର୍ଥ ସେମାନେ ସୁପ୍ରିମ୍‌କୋର୍ଟ ସହ ମୁହାଁମୁହିଁ ହେବାକୁ ପ୍ରସ୍ତୁତ ହେଉ ନାହାନ୍ତି ତ?

Email: dilipcherian@gmail.com

# ଆସ, ସଫଳତାର କାହାଣୀ କହିବା



ସୌମ୍ୟା ପରିଡ଼ା

କିଛିଦିନ ତଳେ 'ମୁଲକ୍' ନାମକ ହିନ୍ଦୀ ଫିଲ୍ମଟିଏ ରିଲିଜ୍ ହୋଇଥିଲା। ସେ ଫିଲ୍ମର ଶେଷଭାଗ ଆଡ଼କୁ ଜଣେ ଜଜ୍ ଗୋଟିଏ କେସ୍‌ର ଶୁଣାଣି କରି କହିଥିଲେ, ଯଦି ଜାତି, ଧର୍ମ, ମନ୍ଦିର-ମସଜିଦ୍ କି ଅପାରଗପଣ ଆଦି କଥାକୁ ଉଠାଇ କେହି ତମକୁ ଭାଗଭାଗ କରିବାକୁ ଚେଷ୍ଟା କରୁଛି, ତା'ହେଲେ ଜାଣିବ ନିର୍ବାଚନ ପାଖେଇ ଆସିଲା। କଥାରେ ଅଛି 'ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା'। ହେଲେ ଆମ ଶିଙ୍ଗ କିନ୍ତୁ ସବୁବେଳେ ଫଟା। କାରଣ ଆମ ହିସାବରେ ଆମେ ସବ୍‌ଜାନ୍ତା। ନିଜେ କିଛି କାମ କରିବା ଅପେକ୍ଷା ଅନ୍ୟକୁ କରେଇବାରେ ଆମର ବିଶ୍ୱାସ। ଆମେ କିଛି ବୁଝୁନି, ହେଲେ ଅନ୍ୟକୁ ବୁଝେଇବାକୁ ସବୁବେଳେ ଚେଷ୍ଟା କରୁ। ଆମେ ସ୍ୱାର୍ଥପର କିନ୍ତୁ ଅନ୍ୟକୁ ନିଃସ୍ୱାର୍ଥପର ହେବାକୁ ପରାମର୍ଶ ଦେଉ।

ଆମ ରାଜ୍ୟରେ ଏବେ ହକି ବିଶ୍ୱକପ୍ ଚାଲିଛି। ଏଇଟା କଛି କମ୍ କଥା ନୁହେଁ। କାରଣ ବିଶ୍ୱ ମାନଚିତ୍ରରେ ଓଡ଼ିଶା ସବୁବେଳେ ନିନ୍ଦିତ। ଯେମିତି ଅନାହାର ମୃତ୍ୟୁ, ଗଣବଳାତ୍କାର ଆଉ ଅସମୟେ ବନ୍ୟା, ବାତ୍ୟା ବ୍ୟତୀତ ଏଠି ଆଉ କିଛି ହୁଏନି। ଜାତୀୟ ଗଣମାଧ୍ୟମ ଅନୁସାରେ ଓଡ଼ିଶା ଗରିବ ଓ ଆଦିବାସୀବହୁଳ ରାଜ୍ୟ। ତେଣୁ ଅଭାବ, ଅନଟନ କି ଆଦିବାସୀଙ୍କ ଅର୍ଦ୍ଧନଗ୍ନ ଚିତ୍ର ଏମାନଙ୍କ ପାଇଁ ଖବରର ଖୋରାକ। ବୋଧହୁଏ ଜାତୀୟ ଗଣମାଧ୍ୟମଠୁ ଓଡ଼ିଶାକୁ ଏ ଯାଏ ଆବଶ୍ୟକ ମୁତାବକ ଗୁରୁତ୍ୱ ମିଳିନାହିଁ। ଏମିତିକି ଓଡ଼ିଶାରେ ଆଜି ପର୍ଯ୍ୟନ୍ତ ଜାତୀୟ ଗଣମାଧ୍ୟମରେ କାମ କରିଥିବା ଅଧିକାଂଶ ଓଡ଼ିଆ ଓ ଅଣଓଡ଼ିଆ ସାମ୍ବାଦିକ ବନ୍ଧୁମାନେ ବି ଟିଭି ଚ୍ୟାନେଲ୍ କି ଖବର କାଗଜକୁ ସୁହାଉଥିବା ଖବର ଦେଇ ନିଜ କର୍ତ୍ତବ୍ୟ ସାରିଛନ୍ତି। ଓଡ଼ିଶାରେ କିଛି ଅଘଟଣା ଘଟିଲେ ହିଁ ଏମାନେ ଖବର କରନ୍ତି।

ଆଜିକା ଦିନରେ ସବୁଠୁ ଭଲ ହକି ଷ୍ଟାଡ଼ିୟମ୍ ଆମ ପାଖରେ। ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜାରୁସ୍ ବାର୍ଲା, ପ୍ରବୋଧ ତିର୍କୀ ଓ ଇଗ୍ନେସ ତିର୍କୀଙ୍କ ପରି ବହୁ ହକିତାରକା ଆମ ରାଜ୍ୟରୁ ଭାରତ ପାଇଁ ଖେଳିଛନ୍ତି। ସେମିତି ନମିତା ଟପ୍ପୋ, ସୁମିତା ଲାକ୍ରା ଓ ଲିଲିମା ମିଞ୍ଜ୍ ପ୍ରମୁଖଙ୍କ ପରି ଖେଳାଳି ବି ସେଥିରେ ଆହୁରି ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ତେଣୁ ହକି ବିଶ୍ୱକପ୍ ହେବା ଓ ଏତେ ଜାକଜମକରେ ହେବା ନିହାତି ଭାବେ ଆମ ରାଜ୍ୟ ପାଇଁ ଭଲ କଥା। ଆମେ ଯଦି ଏହାକୁ କୌଣସି ରାଜନୈତିକ ଦୃଷ୍ଟିଭଙ୍ଗୀରୁ ଦେଖିବା ନାହିଁ, ତା'ହେଲେ ଏହା ନିଶ୍ଚିତ ଭାବରେ ରାଜ୍ୟ ସରକାରଙ୍କ ସହ ସାଧାରଣ ଲୋକ ଓ ଭାରତୀୟ ହକି ଖେଳାଳିଙ୍କ ପାଇଁ ବି ଗର୍ବର କଥା। ହେଲେ ଦୁଃଖର କଥା ହେଲା ଯେ, ଏହା ବିଭିନ୍ନ ଦେଶର ଗଣମାଧ୍ୟମରେ ସ୍ଥାନ ପାଇଥିଲେ ବି ଆମ ଦେଶର ଅଧିକାଂଶ ଗଣମାଧ୍ୟମରେ ସ୍ଥାନ ପାଇ ନ ଥିଲା। ଏମିତିକି ଭାରତର ଲୋକପ୍ରିୟ ତଥାକଥିତ ଜଣାଶୁଣା ଇଂଲିଶ ଖବରକାଗଜରେ ବି ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବର ଚିହ୍ନବର୍ଣ୍ଣ ପ୍ରଥମ ପୃଷ୍ଠା, ଦ୍ୱିତୀୟ ପୃଷ୍ଠା, ଏମିତିକି ତୃତୀୟ ପୃଷ୍ଠାରେ ବି ନ ଥିଲା। କେବଳ ଯାହା ଖେଳ ଖବର ପୃଷ୍ଠାରେ ନାମକୁମାତ୍ର କିଛି ଖବର ଥିଲା।

ଜାତୀୟତାବାଦ ପଛରେ ଥାଉ, ଆମେ କିନ୍ତୁ ବଳ କଷାକଷି ହେବା। ଜଣେ ଅନ୍ୟକୁ ନୀଚା ଦେଖାଇବାର କୌଣସି ମଉକା ଛାଡ଼ିବାନି। ନିଜ ଘରେ ସମ୍ପର୍କ ଦୃଢ଼ ଥାଉ କି ନ ଥାଉ ଆମେ କିନ୍ତୁ ବର୍ଷ ବର୍ଷ ଦେଶ ବାହାରେ ବୁଲି ସମ୍ପର୍କ ଦୃଢ଼ କରିବା। ଏସବୁ ଭିତରେ ଆମେ ଭୁଲିଯାଉଛୁ ଯେ ଆମେ ଆମ ଘରେ ଯେତେ ସୁଦୃଢ଼ ହେବା, ଆମକୁ ଆମ ଘର ବାହାରେ ଠିକ୍ ସେତିକି ସମ୍ମାନ ମିଳିବ। କିନ୍ତୁ ନା, ଆମ ରାଜ୍ୟରେ ହକି ବିଶ୍ୱକପ୍ ଚାଲିଥିଲା ବେଳେ ଆମେ ବନ୍ଦ ଡାକରା ଦେବା, କେଉଁ ପ୍ରୋଜେକ୍ଟ ପାଇଁ ରାଜ୍ୟ ସରକାର ଚିଠିର ଉତ୍ତର ଦେବାକଥା ତାକୁ ମୁଖ୍ୟ କରିବା। ଅଭିନେତାମାନେ ଆସି କେତେ ଟଙ୍କା ନେଲେ ସେ କଥା ସୋସିଆଲ ମିଡ଼ିଆରେ କେମିତି ଚର୍ଚ୍ଚା ଚାଲିବ ସେ ସବୁ ଫନ୍ଦିଫିକରରେ ମାତିବା। ଯଦି ସତରେ ଓଡ଼ିଶା ପାଇଁ ଏତେ ଦରଦ ରହିଛି, ତା'ହାଲେ ତ ଖୁସି ହେବା କଥା। କାରଣ ଆମ ରାଜ୍ୟକୁ ହକି ପାଇଁ ବିଶ୍ୱ ଦରବାରରେ ଏକ ଭିନ୍ନ ପରିଚୟ ମିଳିବାର ଏଇଟା ଗୋଟେ ସୁଯୋଗ। କିନ୍ତୁ ନା, ଓଡ଼ିଶାକୁ ଦେଶର ବିଭିନ୍ନ ଜାଗାରେ ଭାଷଣରେ ଗରିବ କହି ନୀଚା ଦେଖେଇବାରେ ଆମର ମଜା। ଆଗକୁ ବଢ଼ିବେନି କିନ୍ତୁ ଅନ୍ୟକୁ କଳେବଳେକୌଶଳେ ପଛକୁ ଟାଣି ତାଙ୍କ ସହ ସମାନ କରି ବାହାବା ନେବେ। ଏସବୁ ରାଜନୀତି, କୂଟନୀତି କରୁକରୁ ଦେଶକୁ ଭୁଲିଯିବେ।

ଏହା ଭିତରେ ଆମ ରାଜ୍ୟରେ ମେକ୍ ଇନ୍ ଓଡ଼ିଶା ସହ ଅନ୍ତର୍ଜାତୀୟ ଖେଳର ଆୟୋଜନ କରାଯାଇଛି। ଶହଶହ ଦର୍ଶକ, ଖେଳାଳି, କଳାକାର ଏଥିପାଇଁ ଓଡ଼ିଶା ଆସିଛନ୍ତି। ଯେତେବେଳେ ରାଜ୍ୟରେ ହକି ବିଶ୍ୱକପ୍ ପରି ଗୋଟେ ବଡ଼ ଉତ୍ସବର ଆୟୋଜନ କରାଯାଏ, ସେତେବେଳେ ରାଜ୍ୟ ଓ ଦେଶ ବାହାରୁ ଶହ ଶହ ଲୋକ ଓ ଖେଳାଳି ଆସନ୍ତି। କେବଳ ଖେଳିବାକୁ କି ଖେଳ ଦେଖିବାକୁ ନୁହେଁ ବରଂ ଖେଳ ସହ ଆମର କଳା, ସଂସ୍କୃତି, ପରମ୍ପରା, ଲୋକଙ୍କ ଆତିଥ୍ୟ ଆଦି କଥା ଦେଖନ୍ତି ଆଉ ପରଖନ୍ତି ବି। ବିଭିନ୍ନ ପର୍ଯ୍ୟଟନସ୍ଥଳ ବୁଲନ୍ତି। ସାଧାରଣ ଲୋକଙ୍କ ସହ ମିଶନ୍ତି। ଖେଳ ତ କିଛି ଦିନରେ ସରିଯାଏ, ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏଇଟା ବହୁମାତ୍ରାରେ ସାହାଯ୍ୟ କରେ ଆମ ରାଜ୍ୟକୁ, ଆମକୁ। ଯାହା ଖରାପ ହେଉଛି ଅଙ୍ଗୁଳି ଉଠେଇ କହିବା ଯେତିକି ଜରୁରୀ, ଯାହା ଭଲ ହେଉଛି ସେଥିରେ ଆମେ କେତେ ସହଭାଗିତା ଦେଇଛେ, ସେଇଟା ବି ଭାବିବା ସେତିକି ଜରୁରୀ। କେବଳ ଅନ୍ୟକୁ ଅଙ୍ଗୁଳି ଦେଖାଇ ତା'ର ଦୋଷଦୁର୍ବଳତା ଖୋଜିବା ଅପେକ୍ଷା ନିଜ ଭିଟାମାଟି, ଭାଇ ବନ୍ଧୁ କୁଟୁମ୍ବ ତଥା ନିଜ ଚାରିପଟେ ଥିବା ଦୁଃଖୀ ଦରିଦ୍ରଙ୍କ ପାଇଁ କ'ଣ କରୁଛେ ବା କରିପାରିବା ବରଂ ଭାବିବା କଥା। ଏସବୁ କେବଳ ରାଜ୍ୟ ସରକାରଙ୍କର ଦାୟିତ୍ୱ ଭାବି ସୋସିଆଲ୍ ମିଡ଼ିଆରେ ବଡ଼ ବଡ଼ କଥା ଲେଖି ଆକ୍ଷେପ କଲେ ଆମ ରାଜ୍ୟର ଚିତ୍ର ବିଶ୍ୱମାନଚିତ୍ରରେ ବଦଳିବ ନାହିଁ। ବରଂ ଦୋଷଦୁର୍ବଳତା ଅପେକ୍ଷା ଆମେ ଯଦି ସଫଳତାର କାହାଣୀ କହିବା ଆଜି ନ ହେଲେ କାଲି ହୁଏ ତ ଫରକ୍ ଆମେ ନିଜେ ଦେଖିପାରିବା।

ମୋ-୯୩୩୮୫୬୬୫୮୭,
saumya.consultant@gmail.com

# କାମିନୀ କାଞ୍ଚନ



ଶିବରାମ ଶତପଥୀ

ପୃଥିବୀରେ ଆବହମାନ କାଳରୁ ଆଜିଯାଏ ଯେତେ ମହାସମର ସଂଘଟିତ ହୋଇଛି, ସବୁରି ମୂଳରେ ନିହିତ କାମିନୀ ଅଥବା କାଞ୍ଚନ। ଅପ୍‌ସରା ତିଳୋତ୍ତମାଙ୍କୁ ପତ୍ନୀ ରୂପେ ପାଇବା ପାଇଁ ଦୁଇ ଅଜେୟ ଭାଇ ସୁନ୍ଦ, ଉପସୁନ୍ଦ ପରସ୍ପର ମରାମରି ହୋଇ ମଲେ। ଶୁମ୍ଭନିଶୁମ୍ଭ, ମହିଷାସୁର, ଜଳନ୍ଧର ଆଦି ଅପରାଜେୟ ଦୈତ୍ୟ ପାର୍ବତୀଙ୍କ ରୂପଗୁଣରେ ମୁଗ୍ଧହୋଇ ତାଙ୍କୁ ପାଇବା ପାଇଁ ଯୁଦ୍ଧ କରି ପ୍ରାଣ ହରାଇଲେ। ସୀତାଙ୍କ ଯୋଗୁ ସ୍ୱର୍ଣ୍ଣମୟୀ ଲଙ୍କାପୁରୀ ଦଗ୍ଧ ଓ ପରେ ପ୍ରବଳ ପରାକ୍ରମୀ ରାବଣର ବଧ ସମ୍ଭବ ହୋଇପାରିଥିଲା। ରୂପସୀ ରାଣୀ ହେଲେନ୍‌ଙ୍କ ହେତୁ ଟ୍ରୟନଗରୀ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଥିଲା। ପୁରାଣ ଓ ଇତିହାସରେ ଏପରି ଅନେକ ଦୃଷ୍ଟାନ୍ତ ପରିଲକ୍ଷିତ ହୁଏ।

ଧର୍ମଶାସ୍ତ୍ରରେ କୁହାଯାଇଛି, 'ମାତୃବତ୍ ପରଦାରେଷୁ, ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍। ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତଃ।।' ଅର୍ଥାତ୍ ଅନ୍ୟର ସ୍ତ୍ରୀକୁ ମାତୃଜ୍ଞାନ କରିବ ଓ ଅପରର ସମ୍ପତ୍ତିକୁ ମାଟିଗୋଡ଼ି ପରି ମୂଲ୍ୟହୀନ ଭାବି ସେଥିପ୍ରତି ଲାଳାୟିତ ହେବନାହିଁ। ମହାଭାରତରେ ମହର୍ଷି ବେଦବ୍ୟାସ କହିଛନ୍ତି, 'ହ୍ଲାଦନ୍ତେ ସ୍ୱେଷୁ ଦାରେଷୁ ଘର୍ମାର୍ତ୍ତାଃ ସଲିଳେଷ୍ୱିବ।' ଅର୍ଥାତ୍ ନିଜ ପତ୍ନୀଠାରେ ଆନନ୍ଦିତ ହେବ, ଯେପରି ଝାଳ ସରସର ବ୍ୟକ୍ତି ଜଳରେ ସ୍ନାନ କରି ସନ୍ତୁଷ୍ଟ ହୁଏ। ପ୍ରତ୍ୟେକ ଧର୍ମଗ୍ରନ୍ଥ ଅନ୍ୟର ସ୍ତ୍ରୀ ଓ ଧନ ପ୍ରତି ଲାଳାୟିତ ହେବା ଗର୍ହିତ ପାପ ବୋଲି ଘୋଷଣା କରେ, କାରଣ ଏହା ସାମୟିକ ଆନନ୍ଦ ଦେଲେ ମଧ୍ୟ ସୁଦୂରପ୍ରସାରୀ ପରିଣାମ ସ୍ୱରୂପ ପାରିବାରିକ ବିଶୃଙ୍ଖଳା ସୃଷ୍ଟିକରି ସମାଜ ଓ ସର୍ବୋପରି ଦେଶକୁ ନଷ୍ଟଭ୍ରଷ୍ଟ କରେ। ଈଶାବାସ୍ୟୋପନିଷଦ୍‌ରେ କୁହାଯାଇଛି-

'ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍,
ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟସ୍ୱିଦ୍ଧନମ୍।'

ଏହାର ସ୍ଥୂଳ ଅର୍ଥ ହେଲା- ଏ ସଂସାରରେ ସ୍ଥାବରଜଙ୍ଗମ ଯାହାକିଛି ଅଛି ସବୁ ପରମେଶ୍ୱରଙ୍କର। ତୁମେ ଏ ସଂସାରରେ ନିଜ ଜୀବନକୁ ତ୍ୟାଗପୂର୍ବକ ଉପଭୋଗ କର। କାହାର ଧନ (କାମିନୀ ଓ କାଞ୍ଚନ ଉଭୟ)ରେ ଲୋଲୁପ ଦୃଷ୍ଟି ପକାଅ ନାହିଁ।

ପାଣ୍ଡବଙ୍କ ସମ୍ପତ୍ତି ଯଥା ମୟଦାନବ ନିର୍ମିତ ମାୟାସଭା ଆଦିରେ ଈର୍ଷାପରାୟଣ ହୋଇ କୌରବମାନେ କପଟପଶାରେ ପାଣ୍ଡବଙ୍କୁ ପରାସ୍ତ କରି ସେମାନଙ୍କ ସମଗ୍ର ସମ୍ପତ୍ତି, ଏପରି କି ଯାଜ୍ଞସେନୀଙ୍କୁ ମଧ୍ୟ ପଣରେ ଜିତିଥିଲେ। ପରିଣାମ କ'ଣ ହେଲା? ଅନେଶତ ଭାଇ ଯୁଦ୍ଧକ୍ଷେତ୍ରରେ ଟଳିପଡ଼ିଲେ। କେବଳ ସେତିକି ନୁହେଁ, ସେମାନଙ୍କ ପକ୍ଷ ନେଇ ଆର୍ଯ୍ୟାବର୍ତ୍ତର ଶଲ୍ୟ ପରି ବୀର, ଏପରି କି ପିତାମହ ଭୀଷ୍ମ, ଗୁରୁ ଦ୍ରୋଣ ଓ କର୍ଣ୍ଣଙ୍କ ପରି ଅଜେୟ ମହାରଥୀମାନେ ଧରାଶାୟୀ ହେଲେ। ଅତଏବ ଅନ୍ୟର ଧନ ପ୍ରତି ଲୋଲୁପ ଦୃଷ୍ଟି ନିକ୍ଷେପ କରିବା ସର୍ବନାଶର ପଥ ପରିଷ୍କାର କରିଦିଏ। ଅନେକେ ଲୋଭ ପରବଶ ହୋଇ ନିଜ ଗୃହ ସନ୍ନିହିତ ସରକାରୀ ଜମି ଅକ୍ତିଆର କରନ୍ତି। ସରକାରୀ ଜମି, କୋଠ ସମ୍ପତ୍ତି, ସୋସାଇଟି ଜମି, ସରକାରୀ ତହବିଲର ଟଙ୍କା ଆଦିରେ ଜନସାଧାରଣଙ୍କ କେବଳ ସ୍ୱେଦ ନୁହେଁ, ବିନ୍ଦୁ ବିନ୍ଦୁ ରକ୍ତ ସଂଶ୍ଳିଷ୍ଟ। ଅତଏବ ସେ ଧନ ଆତ୍ମସାତ୍ କରିବା ଦୂରେ ଥାଉ, ଯିଏ ଏଥିପାଇଁ ଉଦ୍ୟତ ହୁଏ ସେ ସମୂଳେ ବିନଷ୍ଟ ହୁଏ, ଏହା ନିଃସନ୍ଦେହ।

ରାକ୍ଷସ ଓ ଦେବତାଙ୍କ ମା' ଯଥାକ୍ରମେ ଦିତି ଓ ଅଦିତି ଦୁଇଭଉଣୀ। ରାକ୍ଷସ ଓ ଦେବତା ଉଭୟେ ଯଦିଚ କଶ୍ୟପଙ୍କ ପୁତ୍ର (ଜଣେ ପିତା) ରାକ୍ଷସଗଣ ଅଗ୍ରଜ, ଶୂର, ବୀର, ବଳିଷ୍ଠ, କର୍ମଠ, ଜ୍ଞାନୀ, ସୁଶାସକ, ବେଦବିତ୍ ଓ ଉତ୍ତମ ବୈଜ୍ଞାନିକ ହେବା ସତ୍ତ୍ୱେ ସେମାନେ ବିଷ୍ଣୁଙ୍କ ଦ୍ୱାରା ସବଂଶ ବିନଷ୍ଟ ହୋଇଥିଲେ, କାରଣ ସେମାନେ ତମୋଗୁଣ ଅବଲମ୍ବନ କରି ପରଧନ ଓ ପରସ୍ତ୍ରୀ ପ୍ରତି ଲାଳାୟିତ ଥିଲେ ଓ କଲ୍ୟାଣକାରୀ ମୁନିଋଷିଙ୍କ ପ୍ରତି ଦ୍ରୋହାଚରଣ କରୁଥିଲେ। ଏହାଦ୍ୱାରା ସାମାଜିକ ଶୃଙ୍ଖଳା, ସହାବସ୍ଥାନ ଓ ସଦାଚାର ନଷ୍ଟଭ୍ରଷ୍ଟ ହୁଏ। ପ୍ରତିରକ୍ଷା ବିଭାଗର ଅଧିକାରୀମାନେ କୋଟି କୋଟି ଟଙ୍କା କାରବାର କରନ୍ତି, ତାହା ସୈନ୍ୟମାନଙ୍କ ଖାଦ୍ୟ, ପୋଷାକ ଓ ଉପକରଣ ବାବଦରେ ହେଉ, ଅସ୍ତ୍ରଶସ୍ତ୍ର, ଗାଡ଼ି, ଯୁଦ୍ଧଜାହାଜ, ବିମାନ ଅଥବା ଯୁଦ୍ଧସାମଗ୍ରୀ କ୍ରୟ କରିବାରେ ବା ବଙ୍କର ନିର୍ମାଣରେ ହେଉ। ଏଥିରେ ଯିଏ ହେରାଫେରି କରେ, ତାକୁ ଏପରି ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଏ ଯେ ଅନ୍ୟ କେହି ଭ୍ରଷ୍ଟାଚାରରେ ଲିପ୍ତ ହେବାକୁ ସାହସ କରିବେ ନାହିଁ।

ଶ୍ରୀଲଙ୍କାରେ ଭାରତୀୟ ଶାନ୍ତିସେନା ମୁତୟନ ସମୟର କଥା। ଜାଫ୍‌ନାର ତାମିଲମାନେ ଘରେ ତାଲା ବନ୍ଦ କରି ପ୍ରାଣ ବିକଳରେ ନିରାପଦ ସ୍ଥାନରେ ଆଶ୍ରୟ ନେଇଥାନ୍ତି। ଶ୍ରୀଲଙ୍କା ସୈନ୍ୟବାହିନୀ ଓ ଭାରତୀୟ ସେନା ଭିତରେ ସେମାନଙ୍କ ଅବସ୍ଥା ଏଣେ ଗଲେ ବାଘ ଖାଇବ ତ ତେଣେ ଗଲେ ନାଗ ଦଂଶିବ। କିଛି ବ୍ୟକ୍ତି ତାଲା ଭାଙ୍ଗି ଜଣଙ୍କ ଘରେ ପଶିଲେ। କିଏ ଟିଭି ତ କିଏ ସୁନାଗହଣା, କିଏ ଟଙ୍କା ତ କିଏ ବହୁମୂଲ୍ୟ ବସ୍ତ୍ର ଓ କ୍ୟାମେରା ଚୋରିକରି ଦିନ ଦ୍ୱିପ୍ରହରରେ ନେଉଥିଲେ। ଏଲ୍‌ଟିଟିଇ ଲଗାଇଥିବା ବୁବି ଟ୍ରାପ୍‌ରେ ଛନ୍ଦିହୋଇ ଆଖିପିଛୁଳାକେ ସମସ୍ତେ ପ୍ରାଣ ହରାଇଲେ। ଅନ୍ୟର ସମ୍ପତ୍ତି ହଡ଼ପ କରିବାର ପରିଣାମ ଏପରି ଭୟାବହ ହୋଇଥାଏ। କି ମର୍ମନ୍ତୁଦ ସେ ଦୃଶ୍ୟ! ସେ ଦୃଶ୍ୟ ମନେପଡ଼ିଲେ ଏବେ ମଧ୍ୟ ଲୋମ ଟାଙ୍କୁରି ଉଠେ।

ଲୋକମୁଖରେ କଥିତ ଅଛି, ସୁନା ହରାଇବା ଯେତିକି ଦୋଷାବହ, ସୁନା ପାଇଲେ ମଧ୍ୟ ସେତିକି। ସୁନା ମିଳିଲେ ସେଥିରେ ସମପରିମାଣ ସୁନା ମିଶାଇ ଦୁଃସ୍ଥ ବ୍ୟକ୍ତିକୁ ଦାନ କରିବ। ସେପରି ଅନ୍ୟଠାରୁ ଦାନ ଗ୍ରହଣ କଲେ ସେଥିରେ ଆଉ କିଛି ଅର୍ଥ ମିଶାଇ ଅକିଞ୍ଚନ ବ୍ୟକ୍ତିକୁ ଦେବା ଉଚିତ। ଜୀବନକାଳ ଭିତରେ ମୁଁ ଦେଖିଛି, ଯେଉଁମାନେ ଅବୈଧ ଓ ଅନ୍ୟାୟ ଉପାୟରେ ଅନ୍ୟକୁ କଷ୍ଟ ଦେଇ ଧନ ଉପାର୍ଜନ କରିଥାନ୍ତି ସେ ଧନ ସେମାନେ ଉପଭୋଗ କରିପାରନ୍ତି ନାହିଁ। ତାଙ୍କ ଅନ୍ତେ ତାଙ୍କ ଦାୟାଦମାନେ ସେ ଧନର ଅପବ୍ୟୟ କରି ଉଚ୍ଛୃଙ୍ଖଳ ଜୀବନଯାପନ ଦ୍ୱାରା ନିଜର ସ୍ୱାସ୍ଥ୍ୟ ନଷ୍ଟ କରିବା ସହିତ ପାରିବାରିକ ସମ୍ମାନ ଧୂଳିରେ ମିଶାଇ ଦିଅନ୍ତି। ତେଣୁ କାମିନୀକାଞ୍ଚନ ମୋହରୁ ଦୂରରେ ରହି ସରଳ ନିରାଡ଼ମ୍ବର ଜୀବନଯାପନ ନିଜ ଓ ପରିବାର ପକ୍ଷେ ହିତକର।

ଇ-୧୮, ପଦ୍ମପାଣି ବିହାର, ନୀଳାଦ୍ରି ବିହାର,
ଭୁବନେଶ୍ୱର, ମୋ: ୯୪୩୭୦୧୭୨୦୨

## ଏଇ ଭାରତରେ

ଦେଶରେ ଧର୍ମ ଏବଂ ସମ୍ପ୍ରଦାୟକୁ ନେଇ ବାଦବିବାଦ ଲାଗି ରହିଛି। କେତେକ ସ୍ଥାନରେ ଧର୍ମୀୟ ବିଦ୍ୱେଷ ଦେଖାଦେବା ସହିତ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିହେଉଛି। ଏଥିପାଇଁ ଦେଶରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହେଉଥିବା ଅନେକ ଉଦାହରଣ ଅଛି। କିନ୍ତୁ ଜଣେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ହିନ୍ଦୁ ବନ୍ଧୁଙ୍କ ମୃତ୍ୟୁରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିବା ଏକ ନିଆରା ଘଟଣା। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କୋଲ୍‌କାତାରେ। ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲା ବାନରହାଟ୍‌ରେ ଜଣେ ମୁସଲମାନ ବନ୍ଧୁ ହିନ୍ଦୁ ସାଥୀଙ୍କର ଅନ୍ତିମ ସଂସ୍କାର କରି ଭାଇଚାରାର ଉଦାହରଣ ସୃଷ୍ଟି କରିଛନ୍ତି। ସ୍ଥାନୀୟ ଏକ ସ୍କୁଲ୍‌ରେ ଶିକ୍ଷକ ଭାବରେ ଚାକିରି କରୁଥିଲେ ଦୁଇବନ୍ଧୁ। ସେମାନଙ୍କ ମଧ୍ୟରେ ଥିଲା ଘନିଷ୍ଠ ସମ୍ପର୍କ। ମୁସଲମାନ ବନ୍ଧୁଙ୍କ ନାମ ଆଶ୍‌ଫାକ ଏବଂ ହିନ୍ଦୁ ବନ୍ଧୁଙ୍କର ନାମ ସଞ୍ଜୀନ କୁମାର। ତେବେ ଦୁଇଦିନ ତଳେ ସଞ୍ଜୀନ କୁମାରଙ୍କ ବିୟୋଗ ଘଟିଥିଲା। ତାଙ୍କର ପୁଅ ନ ଥିଲେ। କେବଳ ୩ ଝିଅ ଥିବାରୁ ଆଶ୍‌ଫାକ ଏଭଳି କାର୍ଯ୍ୟ କରିଥିବା କୁହାଯାଉଛି। ସଞ୍ଜୀନ ବଞ୍ଚିଥିବା ବେଳେ ତାଙ୍କଠାରେ ଏଭଳି ନୈତିକ ମୂଲ୍ୟବୋଧ ଦେଖିବାକୁ ମିଳୁଥିଲା ବୋଲି ଆଶଫାକ୍ କହିଛନ୍ତି। ଦୁଇ ଭିନ୍ନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ମଧ୍ୟରେ ଯେଉଁ ମଧୁର ସମ୍ପର୍କ ରହିଥିଲା ତାହା ଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ପାଇଁ ଅନୁକରଣୀୟ ଓ ଅନୁସରଣୀୟ।

## ଚିରନ୍ତନୀ

ସପନ କବିତାର ପାଇଛି ମୂଳ ତା'ର
ହଜିନି କିଛି ମୋର ହଜିନି
ବୟସ ଅନୁରାଗ ଭିତରୁ କଳାଦାଗ
ଖୋଜିବି ନାହିଁ ଆଉ ସଜନି!

(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୯୩

- ଦକ୍ଷିଣ ଆଫ୍ରିକାରେ ଅଖଣ୍ଡ କ୍ଷମତାସମ୍ପନ୍ନ ଏକ ଅସ୍ଥାୟୀ ମଧ୍ୟବର୍ତ୍ତିକାଳୀନ କାର୍ଯ୍ୟ ନିର୍ବାହିକା ପରିଷଦ ଗଠନ ସକାଶେ ରାଷ୍ଟ୍ରପତି ଏଫ୍.ଡବ୍ଲ୍ୟୁ.ଡି. କ୍ଲାର୍କ ଏକ ଅଧ୍ୟାଦେଶ ଜାରି କରିବା ପରେ ୧୯୪୮ ମସିହାରୁ ଅବ୍ୟାହତ ରହିଥିବା ବର୍ଣ୍ଣବୈଷମ୍ୟବାଦୀ ଶ୍ୱେତାଙ୍ଗ ସରକାରର ଅବସାନ।
- ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସକାଶେ ଜାପାନ ଭାରତକୁ ୩୨ଶହକୋଟିଟଙ୍କାରଣସହାୟତାଯୋଗାଇବାନେଇନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଦଣ୍ଡମୁକ୍ତ ବିଦ୍ୟାଳୟ

ମହାଶୟ,

ଧରିତ୍ରୀ (୪।୧୨)ରେ ପ୍ରକାଶିତ ଲେଖା ପୂର୍ଣ୍ଣାଙ୍ଗ ନୁହେଁ। ଏଥିରେ ସୋନାମିକା ମ୍ୟାଡମ୍ କିଛି ଛାତ୍ରୀଛାତ୍ରଙ୍କ କଥା ଲେଖିବାକୁ ଭୁଲିଯାଇଛନ୍ତି, ଯେଉଁ ଛାତ୍ରମାନେ ବିଦ୍ୟାଳୟ ସ୍ତରରୁ ଗୁଣ୍ଡା ହେବାକୁ ଶିଖୁଛନ୍ତି। ସେମାନେ ସ୍କୁଲରେ ଗୋଷ୍ଠୀ ବନେଇବା, ଦୁଇ ଗୋଷ୍ଠୀ ଝଗଡା କରିବା ଏବଂ ପରେ ଶିକ୍ଷକମାନଙ୍କୁ ଧମକେଇବା ପ୍ରଭୃତି କାମ କରି ନିଃଶଙ୍କରେ ଖସିଯାଉଛନ୍ତି, କେବଳ ଦଣ୍ଡମୁକ୍ତ ଅଞ୍ଚଳ ଓ ଜୁଭେନାଇଲ ଆଇନ ବଳରେ। ସେମାନେ ଯେତେବେଳେ କଲେଜ ଓ ପରେ ସମାଜର ମୁଖ୍ୟ ସ୍ରୋତକୁ ଆସୁଛନ୍ତି ସେତେବେଳେ ଭାରତର ଆଇନ ବ୍ୟବସ୍ଥାକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। ଆଉ ଏହି ଛାତ୍ରମାନଙ୍କୁ ବିଶେଷ କରି ଗୁରୁମାନେ ଭୟ କରୁଛନ୍ତି। ତେଣୁ ଗୁରୁମାନଙ୍କୁ ଦଣ୍ଡ ଦେବାର ଅଧିକାର ମିଳିବା ଉଚିତ।

କାଳୀପ୍ରସନ୍ନ ଦାଶ, ଅବକାଶ ଲେନ୍, ପୁରୀ-୨

### ଶ୍ରୀମନ୍ଦିରରେ ଟିକେଟ ଦର୍ଶନ ବ୍ୟବସ୍ଥା

ଶ୍ରୀମନ୍ଦିରରେ ଭିତରକାଠ ନିକଟରେ ପରମାଣିକ ଦର୍ଶନ ବ୍ୟବସ୍ଥା ବହୁତ ଆଗରୁ ଥିଲା, ମାତ୍ର ଏଥିରୁ ଆଦାୟ ଅର୍ଥରାଶି ଶ୍ରୀମନ୍ଦିର ହୁଣ୍ଡି କିମ୍ବା ମନ୍ଦିର ଟ୍ରଷ୍ଟକୁ ଯାଉ ନ ଥିଲା। ରାଜ୍ୟ ଉଚ୍ଚ ନ୍ୟାୟାଳୟର ବି.ପି. ଦାସଙ୍କ କମିଶନ ଏହି ପରମାଣିକ ଦର୍ଶନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଉଠାଇଦେବା ନିମନ୍ତେ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଏହାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିଲା। ପଡୋଶୀ ଆନ୍ଧ୍ରପ୍ରଦେଶରେ ଥିବା ତିରୁପତି ବାଲାଜୀ ମନ୍ଦିରକୁ ଅନୁସରଣ କରି ଶ୍ରୀମନ୍ଦିର ପ୍ରଶାସନ ପୁନଶ୍ଚ ଏହି ଟିକେଟ ଦର୍ଶନ ବ୍ୟବସ୍ଥା ଲାଗୁ କରିଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ସମସ୍ତ ଭକ୍ତ ସମାନ। ତେଣୁ ଜଣେ ଭକ୍ତ ଲମ୍ବା ଲାଇନରେ ଆସି ବିଳମ୍ବରେ ଦର୍ଶନ କରିବା ଓ ଆଉ ଜଣେ ଟିକେଟ କରି ତ୍ୱରିତ ଦର୍ଶନ କରିବା ଠିକ୍ ନୁହେଁ। ଏହି ଦର୍ଶନ ବ୍ୟବସ୍ଥାରେ ଭକ୍ତମାନଙ୍କ ମଧ୍ୟରେ ପାତର ଅନ୍ତର ହେବ। ମହାପ୍ରସାଦର ମୂଲ୍ୟ ନିର୍ଦ୍ଧାରଣ କରି ବିକ୍ରୟ କରିବା ଏକ ଉତ୍ତମ ବ୍ୟବସ୍ଥା। ଏଥିରୁ ଶ୍ରୀମନ୍ଦିରର ଆୟ ଆଶାଜନକ ହୋଇପାରିବ। ମାତ୍ର ଟିକେଟ ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ନିନ୍ଦନୀୟ।

ମନୋଜ କୁମାର ବସନ୍ତରାୟ, ନୂଆପଡା, ଲେବର କଲୋନୀ, କଟକ

### ତାଲିମ ଦିଆଯାଉ

ଏକଦା ଲାଭଦାୟକ ଥିବା ଚାଷକାର୍ଯ୍ୟ ଆଜି ବ୍ୟୟବହୁଳ ହୋଇଯାଇଛି। ସର୍ବନିମ୍ନ ମଜୁରି ବୃଦ୍ଧି ଓ ଦ୍ରୁତ ଶିଳ୍ପାୟନ ଏଥିପାଇଁ ବାଧକ ସାଜିଛି। ଯନ୍ତ୍ରଚାଳିତ ଚାଷ ପାଇଁ ଚାଷୀର ଯୋଡ଼ି ବଳଦ ଆଉ ନାହିଁ। ବିଲରେ ଖତ ବଦଳରେ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ କରାଯାଇ ଅଧିକ ଅମଳ କରାଯାଉଛି। ପୁଣି ଚାଷ ସମୟରେ ସାରର କୃତ୍ରିମ ଅଭାବ ପାଇଁ ଚାଷୀକୁ ହଟହଟା ହେବାକୁ ପଡୁଛି। ଚଢ଼ାଦରରେ ସାର କିଣିବାକୁ ବାଧ୍ୟ କରାଯାଉଛି। ଅଧିକ ସାରଦିଆ ଖାଦ୍ୟ ଦେହ ପାଇଁ ରୋଗର କାରଣ ହେଉଛି। ଚାଷକୁ ଶିଳ୍ପର ମାନ୍ୟତା ଦେବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ରାସାୟନିକ ସାରର ବିକଳ୍ପ ଜୈବସାର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇ ଚାଷୀଙ୍କୁ ତାଲିମ ଦିଆଯାଉ।

ନିର୍ଭୟ କୁମାର ପାଣି, ବିଜିଗୋଳ, କଣିହାଁ, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | | | B | | | | | E | 4 | | C | 6 | 1 | |
| 7 | 2 | B | | | 5 | | | 3 | | | A | | | |
| | | | | D | 6 | | | | | B | 8 | | | A |
| | 9 | | | 7 | E | | | | | 0 | | | | 3 |
| | | | A | | | | | | 5 | | | 7 | 8 | |
| 5 | B | C | 4 | E | | 6 | | | | 9 | | 8 | | |
| D | | 8 | 2 | | | 9 | | B | | A | | 3 | | 0 |
| | | A | 5 | | | | D | | | | 1 | 9 | | B |
| | | | | | | | | 4 | | | | | | |
| | | 9 | | A | | | | | 0 | 3 | 6 | 4 | | |
| 4 | | | | 2 | | | | | | 7 | | | | |
| 1 | | 0 | | | | | | | 3 | | | | | C |
| | A | 7 | 8 | | | | | | | | | 0 | | 2 |
| 9 | 8 | | | 5 | | | 2 | 1 | C | | E | D | 7 | 4 |
| | | | | | C | | | A | | | | | B | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | 7 | 8 | D | 3 | B | 4 | C | 1 | 9 | 5 | A | E | 2 |
| 5 | 2 | 3 | 1 | B | 6 | E | 9 | 8 | D | 7 | A | 4 | C | 0 |
| 1 | A | 9 | 5 | 2 | 4 | 7 | 3 | 0 | E | 8 | C | D | 6 | B |
| D | 8 | E | 0 | 9 | C | 5 | A | 2 | 4 | 6 | B | 7 | 1 | 3 |
| 4 | C | B | E | A | 7 | 6 | 1 | D | 0 | 2 | 3 | 9 | 8 | 5 |
| 9 | D | 6 | 4 | C | E | 0 | 5 | 3 | B | 1 | 8 | 2 | A | 7 |
| B | 0 | 1 | 6 | 7 | A | 8 | C | 4 | 9 | E | 2 | 5 | 3 | D |
| 7 | 4 | 8 | D | 3 | 5 | 2 | B | E | 6 | A | 0 | C | 9 | 1 |
| A | E | C | 2 | 0 | 1 | D | 6 | 9 | 5 | 3 | 7 | B | 4 | 8 |
| 2 | 3 | 5 | B | 8 | 9 | A | 7 | 1 | C | 4 | D | E | 0 | 6 |
| E | 7 | 2 | 9 | 4 | 8 | C | 0 | B | 3 | D | 1 | 6 | 5 | A |
| 3 | 1 | 0 | A | 6 | B | 9 | 2 | 5 | 7 | C | E | 8 | D | 4 |
| 6 | B | 4 | C | 5 | 2 | 1 | D | A | 8 | 0 | 9 | 3 | 7 | E |
| C | 5 | D | 3 | E | 0 | 4 | 8 | 7 | A | B | 6 | 1 | 2 | 9 |
| 8 | 9 | A | 7 | 1 | D | 3 | E | 6 | 2 | 5 | 4 | 0 | B | C |

ଗତକାଲିର ଉତ୍ତର

## ସଂକ୍ଷେପରେ

### ତିଶଳପୁର ବିଦ୍ୟାଳୟରେ ଶାସନ ସଚିବ ଚନ୍ଦ୍ରଶେଖର



**ଭଦ୍ରକ ଅଫିସ, ୭।୧୨:** ରାଜସ୍ୱ, ବିପର୍ଯ୍ୟୟ ପ୍ରଶମନ ପ୍ରମୁଖ ଶାସନ ସଚିବ ଡ. ଚନ୍ଦ୍ରଶେଖର କୁମାର ଶୁକ୍ରବାର ଭଦ୍ରକ ଜିଲା ଗସ୍ତରେ ଆସି ତିଶଳପୁର ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ତାଙ୍କ ସହିତ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ସୁଚାରୁ ବଳ, ନିର୍ବାଚନ ଅଧିକାରୀ କାର୍ତ୍ତିକ ମଣ୍ଡଳ, ଭଦ୍ରକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରେକୃଷ୍ଣ ଦାସ ପ୍ରମୁଖ ପରିଦର୍ଶନରେ ସାମିଲ ଥିଲେ। ସଚିବ ୭ମ ଶ୍ରେଣୀ ପିଲାଙ୍କୁ ଇଂରାଜୀ ପାଠ୍ୟକ୍ରମ ବିଷୟରେ କେତୋଟି ପ୍ରଶ୍ନ କରିଥିଲେ। ଛାତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ଉତ୍ତରରେ ଖୁସି ହୋଇ ସଚିବ ତାଙ୍କୁ ଉପହାର ସ୍ୱରୂପ ଖାତା ଓ କଲମ ପ୍ରଦାନ କରିବା ସହ ଫଟୋ ଉଠାଇଥିଲେ। ପରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ଓ ଫୁଲବଗିଚା ଦେଖିଥିଲେ। ସେ ୧ ଘଣ୍ଟା ଧରି ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀଗୃହ ଦେଖିବା ସହ ପାଚିକା-ସହାୟିକାଙ୍କୁ ମଧ୍ୟାହ୍ନ ଭୋଜନ ବିଷୟରେ ପଚାରି ବୁଝିଥିଲେ। ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ଯୁବତୀଙ୍କଠାରୁ ଟଙ୍କା, ସୁନାଚେନ୍ ଲୁଟ୍

**ତିହିଡ଼ି, ୭।୧୨ (ଡି.ଏନ.ଏ.):** ତିହିଡ଼ି ଥାନା ଅନ୍ତର୍ଗତ ସୟା ଗ୍ରାମର ପ୍ରଜ୍ଞାପରମିତା ସାମଲଙ୍କଠାରୁ ଟଙ୍କା ଓ ସୁନାଚେନ୍ ଲୁଟ୍ ହୋଇଛି। ଏନେଇ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ.୩୯୬/୧୮) ରୁଜୁ କରି ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପ୍ରଜ୍ଞା ବୁଧବାର ପୂର୍ବାହ୍ନରେ ସାଇକେଲରେ ଘରକୁ ଫେରୁଥିଲେ। ସାଇକେଲ ବାସ୍କେଟରେ ସେ ଏକ ବ୍ୟାଗ୍ ରଖିଥିଲେ। ୨ ଜଣ ଯୁବକ ଏକ ବାଇକ୍‌ରେ ତାଙ୍କୁ ଅତିକ୍ରମ କରିବା ବେଳେ ବ୍ୟାଗ୍‌କୁ ନେଇ ପଳାଇ ଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ଟଙ୍କା ଓ ସୁନାଚେନ୍ ଥିବା ଅଭିଯୋଗରେ ଦର୍ଶାଯାଇଛି।

# ସମୀକ୍ଷା ବେଳେ ଚାଷୀଙ୍କ ହୋହଲ୍ଲା

**ଭଦ୍ରକ ଅଫିସ, ୭।୧୨**



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚାଷୀମାନେ।

**Executive Engineer, R.W. Division, Bhadrak**

25060/11/0018/1819

## COURT OF THE RECOVERY OFFICER
## DEBTS RECOVERY TRIBUNAL

**C-71, Sector-7, CDA, Cuttack-14, Orissa**

**PROPERTY AUCTION NOTICE**

**R.P. No. 87/2016/CTC**

(Arising out of OA No. 381 of 2011)

HOUSING & URBAN DEVELOPMENT CORPORATION LTD. 3rd Floor Deendayal Bhawan, Ashok Nagar, Janpath, PS-Capital, Bhubaneswar-751009, Dist-Khurda Certificate Holder Bank

Vs.

M/s- Anmol International (P) Ltd & Ors. Certificate Debtors

Offers are invited from intending bidders for purchase by online e-auction of the under mentioned properties on the date and time mentioned below for recovery of dues payable to banks as per the following details on "AS IS WHERE IS BASIS" in sealed cover/online alongwith the Earnest Money Deposit by the undersigned on or before 5.00 PM on **05.12.2019.**

**DESCRIPTION OF PROPERTIES**

| Specification of property | Reserve Price | Earnest Money Deposit | Date & Time of submission of Initial Bid alongwith Earnest Money Deposit | 1) Date & Time of online Bidding 2) Bid Increment Price |
|---|---|---|---|---|
| **Schedule of Properties:** Dist: Sundergarh, SRO/Tahsil: Panposh, Rourkela, PS: Plant Site, Mouza: Rourkela Town, Unit No. 43, Udit Nagar, Khata No. 365/388, Plot No. 554/1886, Area- Ac. 0.255 Dec, Bounded by: North: Road, South: Plot No. 1068, East: Plot No. 554/1860, West: Plot No. 554 | Rs. **5,77,82,000.00** (Rupees Five Crore Seventy Seven Lakhs Eighty Two Thousand only) | Rs. 28,89.100 (Rupees Twenty Eight Lakhs Eight Nine Thousand One Hundred only) | Upto 5.00 PM on **05.01.2019** | 1) Between 12.00 Noon to 1.00 PM on **07.01.2019** with extension clause of 5 (Five) minutes duration if required. (2) Rs. 50,000/- (Rupees Fifty Thousand only) |

The said immovable properties will be sold by the Recovery Officer/Designated Officer on the terms and conditions of sale, a copy whereof is available in **drt.auctiontiger.net & https://tenders.gov.in** & http://sbi.abcprocure.com or from the **Branch Manager, HOUSING & URBAN DEVELOPMENT CORPORATION LTD, 3rd Floor, Deendayal Bhawan, Ashok Nagar, Janpath, PS-Capital, Bhubaneswar-751009, Dist: Khurda, Mr. Rakesh, Mob. No.: 8270955254** on any day during working hours up to **07.12.2018.** Intending bidders are required to deposit Earnest Money alongwith the offer by way of pay order demand draft payable at CUTTACK and favouring THE RECOVERY OFFICER, Debts Recovery Tribunal, Cuttack or through RTGS/NEFT Transfer in favour of "The Recovery Officer, DRT, Cuttack-RP No. **87/2016/CTC**" to the credit of A/c No. **10861705473.** State Bank of India, Cuttack Main Branch, Branch Code: 00059, IFSC Code: SBI N0000059. The properties are open for inspection by the intending purchasers on their own expense on any working day between 10.00 AM to 5.00 PM upto **05.01.2019.**

**Bids should be submitted online in the email Id: ro1drtctak-dfs@nic.in or by hand on or before 17.00 hrs. on 05.01.2019 consisting of following documents:(a). Declaration duly filled in (b). Online E-Auction Bid Form duly filled in (c). Proof of deposit of Caution Amount (d) One Photograph (e) Address Proof (f) Residential Proof & (g) Copy of Pan Card.**

**THE OFFER BELOW THE RESERVE PRICE AND WITHOUT EARNEST MONEY DEPOSIT WITH SUMMARILY BE REJECTED BIDDERS ARE ALSO REQUESTED TO UPLOAD PHOTO IDENTITY, ADDRESS PROOF AND ONE PHOTOGRAPH.**

Given under my hand & seal at Cuttack on this 29th day of October, 2018.

**Sd./-**
**(S.R. Parida)**
**Recovery Officer**

## ନିୟନ୍ତ୍ରିତ ବଜାର କମିଟି, ଗୁଣପୁର, ଜିଲ୍ଲା- ରାୟଗଡ଼ା

ସଂଖ୍ୟା ୬୦୮/୨୦୧୮ ତା: ୨୮।୧୧।୨୦୧୮

**ଧାନ ଚାଷୀଙ୍କ ନିମନ୍ତେ ବିଶେଷ ସୂଚନା**

ଜିଲ୍ଲାପାଳ, ରାୟଗଡାଙ୍କ ଆଦେଶ କ୍ରମେ ଗୁଣପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇମାନଙ୍କୁ ଜଣାଇ ଦିଆଯାଉଛି ଯେ, ଖରିଫ ଋତୁ ୨୦୧୮-୨୦୧୯ ମସିହାର ଧାନ ବିକ୍ରୟ କ୍ରୟ ତା୦୫।୧୨।୨୦୧୮ରିଖ ଠାରୁ ଆରମ୍ଭ ହୋଇଅଛି ଏବଂ ପ୍ରଶାସନ ଧାନ ବିକ୍ରୟ କ୍ରୟ ପାଇଁ ନିମ୍ନମତେ ବ୍ୟବସ୍ଥା କରିଛି।

୧. ଯେଉଁ ଚାଷୀମାନେ LAMPCS ରେ ପୂର୍ବବର୍ଷ Online ପଞ୍ଜୀକରଣ କରିଛନ୍ତି ବା ପଞ୍ଜୀକରଣ ଫର୍ମକୁ ନୀବକରଣ କରିଛନ୍ତି କିମ୍ବା ଚଳିତ ବର୍ଷ ନୂତନଭାବେ ପଞ୍ଜୀକରଣ କରିଛନ୍ତି, ସେମାନେ ହିଁ ମଣ୍ଡିରେ ଧାନ ବିକ୍ରି କରିପାରିବେ।
୨. ଯେଉଁ ଚାଷୀ ଭାଇମାନେ ଏଯାଏଁ Online Registration କରିନାହାନ୍ତି, ସେମାନେ ତୁରନ୍ତ ନିକଟସ୍ଥ LAMPCS ରେ Online Registration କରାଇନିଅନ୍ତୁ। ଏଥି ନିମନ୍ତେ LAMPCS ରେ ମିଳୁଥିବା ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି KCC / ଭୋଟର ପରିଚୟପତ୍ର / ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ / ବ୍ୟାଙ୍କ ପାସ୍‌ବହିର ପ୍ରଥମ ପୃଷ୍ଠାର ନକଲ / ଆଧାର କାର୍ଡ ନକଲ ଏବଂ ଜମି ସମ୍ବନ୍ଧୀୟ କାଗଜ ଯଥା- ପଟ୍ଟାର ନକଲ ସଂଲଗ୍ନ କରି LAMPCS ଅଧିକାରୀଙ୍କଠାରେ ଦାଖଲ କରିବେ।
୩. ଚଳିତ ଖରିଫ ଧାନ ସଂଗ୍ରହ ଓ ଚାଷୀମାନଙ୍କର ପ୍ରାପ୍ୟ ପି-ପାସ୍ (P-PAS) ବ୍ୟବସ୍ଥାରେ ପରିଚାଳିତ ହୋଇ ସିଧାସଳଖ ଓଡିଶା ସମବାୟ ବ୍ୟାଙ୍କ ମାଧ୍ୟମରେ ସମସ୍ତ ଚାଷୀଙ୍କର ପାସ୍ ବହିକୁ ସିଧାସଳଖ ପ୍ରେରଣ କରିବାର ବ୍ୟବସ୍ଥା କରାଯାଇଅଛି। ଏହାଫଳରେ ଚାଷୀ ୩ ଦିନରୁ ୭ ଦିନ ମଧ୍ୟରେ online ରେ ତାଙ୍କ ପ୍ରାପ୍ୟ ପାଇବା ସଙ୍ଗେ ସଙ୍ଗେ ବିକ୍ରି ଜନିତ ତଥ୍ୟ SMS ମାଧ୍ୟମରେ ପାଇପାରିବେ।
୪. କ୍ରୟକାରୀ ସଂସ୍ଥାମାନେ ସମୁଦାୟ ଧାନର ମୂଲ୍ୟକୁ କେବଳ "Online Accounts Transfer System" ମାଧ୍ୟମରେ ପ୍ରଦାନ କରିବେ। ଏହାଦ୍ୱାରା ଚାଷୀମାନେ ସିଧାସଳଖଭାବେ ବିକ୍ରି କରିଥିବା ଧାନର ମୂଲ୍ୟ ନିଜ ବ୍ୟାଙ୍କ ଏକାଉଣ୍ଟରେ ପାଇପାରିବେ।
୫. ଧାନର ଉଚିତ ମୂଲ୍ୟ ପାଇଁ ଶୃଙ୍ଖଳା ଓ ପରିଷ୍କାର (FAQ) ମାନର ଧାନ ମଣ୍ଡିକୁ ଆଣନ୍ତୁ।
୬. ବିଶେଷ ବିବରଣୀ ନିମନ୍ତେ ନିର୍ଦ୍ଧାରିତ ମଣ୍ଡି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

**ଏଫ୍. ଏ. କ୍ୟୁ (FAQ) ଧାନର ଗୁଣ ଓ ମାନ**

| | | | |
|---|---|---|---|
| ୧. | ଧାନରେ ବାଲି, ମାଟି, ଅଗାଡି, ଧୂଳି ଇତ୍ୟାଦି | ସର୍ବୋଚ୍ଚ ସୀମା | ୧.୦୦% |
| ୨. | ଧୂଷ, କାଠି, କୁଟା, ଅଗାଡି ପ୍ରଭୃତି | | ୧.୦୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକଯୁକ୍ତ ଧାନ | | ୫.୦୦% |
| ୪. | ଅପରିପକ୍ୱ, ବଙ୍କା, ଦବିଯାଇଥିବା ଧାନ | | ୩.୦୦% |
| ୫. | ସରୁଧାନରେ ମିଶିଥିବା ମୋଟା ଧାନ | | ୬.୦୦% |
| ୬. | ଜଳୀୟ ଅଂଶ ପରିମାଣ | | ୧୭.୦୦% |

**FAQ ଧାନର ସହାୟକ ମୂଲ୍ୟ (କୁଇଣ୍ଟାଲ ପ୍ରତି)**

| | |
|---|---|
| ସାଧାରଣ ଧାନ | ୧,୭୫୦.୦୦ ଟଙ୍କା |
| ଗ୍ରେଡ୍ "A" ଧାନ | ୧,୭୭୦.୦୦ ଟଙ୍କା |

| | | | | | | | |
|---|---|---|---|---|---|---|---|
| ସୋମବାର | ଗୁଣପୁର (RMC Yard) | ଉକୁମ୍ବା (RMC C. Shed) | ଖିଲାମୁଣ୍ଡା (RMC Yard) | ଅମ୍ବାଦଳା (LAMPCS Office) | – | – | – |
| ମଙ୍ଗଳବାର | ଗୁମୁଡା (RMC Yard) | ଗୁଡିଆବନ୍ଧ (RMC Yard) | ଗୁଡାରୀ (RMC Yard) | ଚାଟିକଣା (RMC Yard) | ଡାଙ୍ଗସୋରଡା (RMC C. Shed) | – | – |
| ବୁଧବାର | ଡମ୍ବସରା (RMC Yard) | କୁଜେନ୍ଦ୍ରୀ (RMC C. Shed) | ଇନ୍ଦୁପୁର (Neelakantheswar Temple Campus) | ଢେପାଗୁଡା (RMC Yard) | ମୁନିଖୋଲ (GP Office) | ଡିମିରିଗୁଡା (GP Office) | ଗଜବାହାଲ (RMC Yard) |
| ଗୁରୁବାର | ଡେରିଗାଁ (RMC Yard) | – | – | – | – | – | |
| ଶୁକ୍ରବାର | ଜଲତାର (RMC C. Shed) | ଚାକୁଣ୍ଡା (RMC Yard) | ଆଖୁସିଂ (Near ANM Qtr.) | ଶିରିଗୁଡା (RMC Yard) | କୁମୁଡାବାଲି (RMC C. Shed) | ଅମ୍ବାଦଳା LAMPCS Office | ହାଟ-ମୁନିଗୁଡା (Hatapada) |
| ଶନିବାର | ଭାଲେରୀ (RMC C. Shed) | – | – | – | – | – | – |

LAMPCS ଓ ମିଲରମାନେ ନିର୍ଦ୍ଧାରିତ ମଣ୍ଡି ଗୁଡିକରେ ଧାନ କ୍ରୟରେ ଭାଗନେବେ।

**ଚାଷୀଭାଇମାନଙ୍କୁ ଅନୁରୋଧ ''ସଫା ଓ ଶୃଙ୍ଖଳା ଧାନ ମଣ୍ଡିକୁ ଆଣନ୍ତୁ ଏବଂ ଉଚିତ ମୂଲ୍ୟ ପାଆନ୍ତୁ''।**

ଶ୍ରୀ ବିନୋଦ ବିହାରୀ ପ୍ରଧାନ
ସଂପାଦକ

ଡଃ. ସିଦ୍ଧେଶ୍ୱର ବଳିରାମ ବନ୍ଦର, ଭା.ପ୍ର.ସେ.
ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ

## OFFICE OF THE EXECUTIVE ENGINEER
## MINOR IRRIGATION DIVISION, KHURDA

E-mail: eemidkhurda@yahoo.co.in, PH.No. 06755-221502

**GOVERNMENT OF ODISHA**

**e-PROCUREMENT NOTICE**

No.930-A

**BID IDENTIFICATION No: EE,MID,KHD20/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 03(Three) Nos. |
| Estimated cost | : | Rs.35.71 lakh to 53.56 lakh |
| Tender paper cost | : | Rs. 6,000.00 to Rs. 10,000.00 |
| Period of completion | : | 90 days |
| Class of Contractor | : | "A, B & C" |
| Availability of bid documents | : | From 13.12.2018 11.00 AM to 24.12.2018 up to 5.00 PM in website(www.tendersorissa.gov.in) |
| Period of Receipt of bid through on Line | : | From 13.12.2018, 11.00AM 24.12.2018 upto 5.00 PM through On-Line |
| Mode of Payment | : | Online |
| Date of opening of bid documents | : | 26.12.2018 |
| Date of Lottery( If required) | : | **On dt. 31.12.2018 at 11 .00 AM on wards** |
| Last date of deposit of APS & ISD (if required) | : | **08.01.2019 up to 5.00PM** |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in | | |
| Name & Address of the OIT | : | Executive Engineer, M.I.Division, Khurda. At-Pallahat, PO-Khurda, Dist:-Khurda, PIN-752056. E-mail ID-eemidkhurda@yahoo.co.in |
| Further details can be seen from the e-Procurement market place | : | http://tendersorissa.gov.in. |

32042/11/0019/1819 **Executive Engineer, M.I.Division, Khurda**

# କ୍ୱାର୍ଟର ଫାଇନାଲ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**ଭୁବନେଶ୍ୱର, ୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତ ଶନିବାର ପୁଲ୍ ସି'ରେ ତା'ର ଅନ୍ତିମ ମ୍ୟାଚ୍ ଖେଳିବ। ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତ ଓ କାନାଡ଼ା ପରସ୍ପରକୁ ଭେଟିବେ। ବିଭିନ୍ନ ଦୃଷ୍ଟିକୋଣରୁ ଏହି ମ୍ୟାଚ୍ ଭାରତ ପାଇଁ ଗୁରୁତ୍ୱ ବହନ କରୁଛି। ପୁଲ୍ ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୫-୦ ଗୋଲରେ ପରାସ୍ତ କରି ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ଏହାପରେ ବେଲ୍‌ଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ଫଳରେ ବିଶ୍ୱର ୫ ନମ୍ବର ଦଳ ଭାରତ ୪ ପଏଣ୍ଟ ପାଇ ପୁଲ୍ ସି'ର ଶୀର୍ଷରେ ରହିଛି। ତେବେ ବେଲ୍‌ଜିୟମ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ଗୋଲ ବ୍ୟବଧାନ ବଳରେ ପୁଲ୍‌ର ୧ ନମ୍ବର ସ୍ଥାନରେ ରହିଛି। ଭାରତର ଗୋଲ ବ୍ୟବଧାନ +୫ ରହିଥିବା ବେଳେ ବେଲ୍‌ଜିୟମର +୧ ରହିଛି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ଓ କାନାଡ଼ା ପ୍ରତ୍ୟେକେ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ଉନ୍ନତ ଗୋଲ ବ୍ୟବଧାନ ବଳରେ କାନାଡ଼ା ତୃତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ଚତୁର୍ଥ ସ୍ଥାନରେ ରହିଛି। କାନାଡ଼ାର ଗୋଲ ବ୍ୟବଧାନ -୧ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା -୫ ରହିଛି।

କାନାଡ଼ା ପ୍ରଥମ ମ୍ୟାଚ୍‌ରେ ଲଢ଼େଇ କରି ବେଲ୍‌ଜିୟମଠାରୁ ୧-୨ ଗୋଲରେ ପରାସ୍ତ ହୋଇଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌କୁ କାନାଡ଼ା ୧-୧ ଗୋଲରେ ଅମୀମାଂସିତ ରଖିଥିଲା। ଭାରତ ପୁଲ୍‌ରେ ଭଲ ସ୍ଥାନରେ ରହିଛି। ତେବେ ଭାରତ କୌଣସି ରିସ୍କ ବା ଚାନ୍ସ ନେବାକୁ ଚାହେଁ ନାହିଁ। ତେଣୁ କାନାଡ଼ା ବିପକ୍ଷରେ ଭାରତ ବୃହତ୍ ବ୍ୟବଧାନରେ ବିଜୟୀ ହୋଇ ସିଧାସଳଖ କ୍ୱାର୍ଟର ଫାଇନାଲକୁ ଉଠିବା ଲକ୍ଷ୍ୟରେ ରହିଛି।

ଅନ୍ୟପଟେ ପୁଲ୍‌ରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବାକୁ ଥିବା ଦଳ କ୍ୱାର୍ଟର ଫାଇନାଲ ଟିକେଟ ପାଇଁ ଅନ୍ୟ ପୁଲ୍‌ର ନମ୍ବର ୨ ଓ ୩ ଦଳକୁ କ୍ରସ୍‌ଓଭର ମ୍ୟାଚ୍‌ରେ ଭେଟିବେ। ରେକର୍ଡ ଓ ସାମ୍ପ୍ରତିକ ଫର୍ମ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ କାନାଡ଼ାଠାରୁ ଭାରତ ଦୁଇପାଦ ଆଗରେ ଥିବା ଭଳି ମନେହେଉଛି।

କିନ୍ତୁ ଗୁରୁବାର ଆମେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ପାଇଛୁ। ବିଶ୍ୱକପ୍‌ର ସବୁଠାରୁ ଦୁର୍ବଳ ବିବେଚିତ ହେଉଥିବା ୨୦ ନମ୍ବର ଦଳ ଫ୍ରାନ୍ସ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ପୁଲ୍ ଏ'ର ଏକ ମ୍ୟାଚ୍‌ରେ ବୃହତ୍ ୫-୩ ଗୋଲରେ ପରାସ୍ତ କରିଥିଲା। ତେଣୁ ଆଧୁନିକ ହକିରେ ସବୁକିଛି ସମ୍ଭବ। ତେଣୁ କାନାଡ଼ାକୁ ଭାରତ ହେୟ ମନେ କରିବାର ଭୁଲ୍ କରିବ ନାହିଁ।

କାନାଡ଼ା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୧ତମ ସ୍ଥାନରେ ରହିଥିବା ବେଳେ ଭାରତ ପଞ୍ଚମ ସ୍ଥାନରେ ରହିଛି। ୨୦୧୩ ପରଠାରୁ ଭାରତ ଓ କାନାଡ଼ା ପରସ୍ପର ମଧ୍ୟରେ ୫ଟି ମ୍ୟାଚ୍ ଖେଳିଛନ୍ତି। ଏଥିରେ ଭାରତ ୩ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଡ୍ର ରହିଥିଲା ଓ ଗୋଟିଏ ମ୍ୟାଚ୍‌ରେ କାନାଡ଼ା ବିଜୟୀ ହୋଇଥିଲା। ତେଣୁ ପୁଲ୍ ଶୀର୍ଷରେ ରହିବାକୁ ହେଲେ ଭାରତକୁ ବୃହତ୍ ବ୍ୟବଧାନରେ ବିଜୟୀ ହେବାକୁ ପଡ଼ିବ।

ଇତିମଧ୍ୟରେ କିଛିବର୍ଷ ଧରି କାନାଡ଼ା ମଧ୍ୟ ତା'ର ପ୍ରଦର୍ଶନରେ ଜବରଦସ୍ତ ଉନ୍ନତି ଆଣିଛି। ଖାସ୍‌କରି ଏହି ଦଳର ଡିଫେନ୍ସ ବେଶ୍ ଦୃଢ଼ ରହିଛି, ଯାହାଫଳରେ କାନାଡ଼ା ତା'ର ପ୍ରଥମ ମ୍ୟାଚ୍‌ରେ ବେଲ୍‌ଜିୟମକୁ ସୁଯୋଗ ଦେଇ ନ ଥିଲା ଓ ଲଢ଼େଇ କରି ୨-୧ ଗୋଲ ବ୍ୟବଧାନରେ ହାରିଥିଲା।

ମନଦୀପ ସିଂ, ସିମରନ୍‌ଜିତ ସିଂ, ଆକାଶଦୀପ ସିଂ ଓ ଲଳିତ ଉପାଧ୍ୟାୟଙ୍କୁ ନେଇ ଗଠିତ ଭାରତୀୟ ଫରୱାର୍ଡ ଲାଇନ ଉପରେ ସବୁକିଛି ନିର୍ଭର କରୁଛି। ଅଧିନାୟକ ମନପ୍ରୀତ୍ ସିଂଙ୍କ ନେତୃତ୍ୱରେ ଭାରତୀୟ ମିଡ୍‌ଫିଲ୍ଡ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଛି। ତେବେ ଭାରତୀୟ ଡିଫେନ୍ସରେ ସମସ୍ୟା ରହିଛି। ଏଥିରେ ଭାରତକୁ ସୁଧାର ଆଣିବାକୁ ପଡ଼ିବ। ମ୍ୟାଚ୍‌ର ଅନ୍ତିମ ଭାଗରେ ଭାରତୀୟ ବ୍ୟାକ୍‌ଲାଇନ ଚାପର ସମ୍ମୁଖୀନ ହେବା ଦ୍ୱାରା ସମସ୍ୟା ଉପୁଜୁଛି ଓ ଭାରତ ଗୋଲ ବରଣ କରୁଛି। ଅନ୍ତିମ ଭାଗରେ ଗୋଲ ବରଣ କରିବା ଭାରତର ପୁରୁଣା ସମସ୍ୟା। ବୀରେନ୍ଦ୍ର ଲାକ୍ରା, ସୁରେନ୍ଦ୍ର କୁମାର, ହରମନପ୍ରୀତ ସିଂଙ୍କୁ ନେଇ ଗଠିତ ଭାରତୀୟ ଡିଫେନ୍ସ ଏହି ମ୍ୟାଚ୍‌ରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି। ଡିଫେନ୍ସରେ ସମସ୍ୟା କାରଣରୁ ଭାରତ ବେଲ୍‌ଜିୟମ ବିପକ୍ଷରେ ଅଳ୍ପକେ ବିଜୟ ହାତଛଡ଼ା କରିଥିଲା।

ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେସ୍ ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ପୂର୍ବଭଳି ପ୍ରଦର୍ଶନ କରିପାରୁନାହାନ୍ତି। ଗତବର୍ଷ ଲଣ୍ଡନରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲ୍ସରେ କାନାଡ଼ା ୩-୨ ଗୋଲରେ ଭାରତକୁ ହରାଇ ବିପର୍ଯ୍ୟୟ ଘଟାଇଥିଲା। ପୁଣି ଗତ ରିଓ ଅଲିମ୍ପିକ୍ସରେ ଭାରତ ବିପକ୍ଷରେ କାନାଡ଼ା ୨-୨ ଗୋଲରେ ମ୍ୟାଚ ଅମୀମାଂସିତ ରଖିଥିଲା ଓ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

ଅତୀତ କଥା ଚିନ୍ତା ନ କରି ଆମେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ଭାରତୀୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି। ଅତୀତର ବିଫଳତା ଆମ ପାଇଁ ଅଭିଜ୍ଞତା। ଏବେ ଆମେ କାନାଡ଼ା ବିପକ୍ଷ ମ୍ୟାଚ୍ ଖେଳିବାକୁ ଯାଉଛୁ। ଏହି ମ୍ୟାଚ୍ ପୁଲ୍‌ରେ ଆମ ଭାଗ୍ୟ ନିର୍ଦ୍ଧାରଣ କରିବ। ରିଓ ଏବଂ ଲଣ୍ଡନରେ କାନାଡ଼ା ବିପକ୍ଷରେ ଆମେ କ'ଣ ଖେଳିଥିଲୁ ସେନେଇ ମୁଁ ଚିନ୍ତା କରୁନି। ଭାରତ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। କାନାଡ଼ା ସ୍ପେସ୍ ଦେବ ନାହିଁ। କିନ୍ତୁ ଆମେ ସାମର୍ଥ୍ୟ ଅନୁଯାୟୀ ଖେଳିବୁ। ଆମ ଖେଳାଳିମାନେ ପିଲାଟିବେଳୁ ଆକ୍ରମଣାତ୍ମକ ଭାବେ ହକି ଖେଳି ଆସିଛନ୍ତି। ଆଟାକିଂ ହକି ହେଉଛି ଆମ କଲ୍‌ଚର। କିଛିଟା ଛୋଟିଆ ପରିବର୍ତ୍ତନ ଆମେ କରିପାରୁ, କିନ୍ତୁ ଚିନ୍ତାଧାରା ପରିବର୍ତ୍ତନ କରିବୁ ନାହୁଁ ବୋଲି ହରେନ୍ଦ୍ର କହିଛନ୍ତି। ଶନିବାର ଖେଳାଯିବାକୁ ଥିବା ପୁଲ୍ ସି'ର ପ୍ରଥମ ମ୍ୟାଚ୍‌ରେ ବେଲ୍‌ଜିୟମ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ। ଏହି ମ୍ୟାଚ୍‌ର ଫଳାଫଳ ପୁଲ୍‌ର ସ୍ପଷ୍ଟ ସ୍ଥିତି ନିର୍ଦ୍ଧାରଣ କରିବ।



ଖବରଦାତା ସମ୍ମିଳନୀରେ ଭାରତୀୟ ଦଳର କୋଚ୍ ହରେନ୍ଦ୍ର ସିଂ (ଡାହାଣ)।

## ଆଜିର ମ୍ୟାଚ୍

**ବେଲଜିୟମ ବନାମ ଦକ୍ଷିଣ ଆଫ୍ରିକା**
ପୁଲ୍-ସି
ସମୟ: ଅପରାହ୍ନ ୫ଟା

**ଭାରତ ବନାମ କାନାଡ଼ା**
ପୁଲ୍-ସି
ସମୟ: ରାତି ୭ଟା

ସ୍ଥାନ: କଳିଙ୍ଗ ଷ୍ଟାଡିୟମ
**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**

## ମୁକ୍ତେଶ୍ୱର ମନ୍ଦିରରେ ନ୍ୟୁଜିଲାଣ୍ଡ ହକି ଦଳ

ପୁରୁଣା ଭୁବନେଶ୍ୱର, ୭।୧୨ (ଡି.ଏନ.ଏ)- ଗୋଟିଏ ଗୋଟିଏ ପରେ ହକି ଦଳ ଏକାମ୍ର କ୍ଷେତ୍ରର ବିଭିନ୍ନ ପର୍ଯ୍ୟଟନସ୍ଥଳ ଭ୍ରମଣ କରୁଛନ୍ତି। ଶୁକ୍ରବାର ନ୍ୟୁଜିଲାଣ୍ଡ ଦଳର ଖେଳାଳି ମୁକ୍ତେଶ୍ୱର ମନ୍ଦିର ବୁଲି ଦେଖିଥିଲେ। ସେମାନେ କେଦାରଗୌରୀ ମନ୍ଦିର ଏବଂ ଏହା ପରିସରରେ ଥିବା ବିଭିନ୍ନ ଐତିହ୍ୟ ଜଳାଶୟ ଦର୍ଶନ କରିଥିଲେ। ମନ୍ଦିର ପୂଜକ ମିହିର କୁମାର ମହାପାତ୍ର ସେମାନଙ୍କୁ ମନ୍ଦିର ସମ୍ବନ୍ଧରେ ସମ୍ୟକ ସୂଚନା ଦେବାସହ ବିଭିନ୍ନ ଜାଗା ବୁଲାଇ ଦେଖାଇଥିଲେ। ଶ୍ରୀ ଲିଙ୍ଗରାଜ ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀ, ନରେନ୍ଦ୍ର ମହାପାତ୍ର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ଅଷ୍ଟ୍ରେଲିଆର ବୃହତ୍ ବିଜୟ

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏକ ପୁଲ୍ 'ବି' ଲିଗ୍ ମ୍ୟାଚରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ୧୧-୦ ଗୋଲରେ ଚାଇନାକୁ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ୮ ଜଣ ଖେଳାଳି ଗୋଲ ଦେଇଥିଲେ। ମ୍ୟାଚର ୧୦, ୧୯ ଓ ୩୪ତମ ମିନିଟରେ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବା ବ୍ଲେକ୍ ଗୋଭର୍ସ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଅତିଥିଭାବେ ଯୋଗଦେଇ ଗୋଭର୍ସଙ୍କୁ ୫୦,୦୦୦ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଆରମ୍ଭରେ ସଞ୍ଜୟ ସିଂ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ।

ଏହି ମ୍ୟାଚ୍‌ର ୧୦ମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ ୧୩ ନମ୍ବର ଜର୍ସି ପରିହିତ ବ୍ଲେକ୍ ଗୋଭର୍ସ। ପ୍ରଥମ କ୍ୱାର୍ଟର ଶେଷ ହେବାକୁ ଅଳ୍ପକିଛି କ୍ଷଣ ଥିବାବେଳେ ଅଷ୍ଟ୍ରେଲିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତକରି ୧୭ ନମ୍ବର ଖେଳାଳି ତଥା ଗତ ମ୍ୟାଚରେ ଅଷ୍ଟ୍ରେଲିଆର ନେତୃତ୍ୱ ନେଇଥିବା ଆରନ ଜେଲସ୍କି ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଅଷ୍ଟ୍ରେଲିଆ ଦୁଇ ଅଧିନାୟକ ରଣନୀତିରେ ଖେଳୁଥିବାରୁ ଏହି ମ୍ୟାଚରେ ଇଡି ଓକେନଡେନ ଦଳର ନେତୃତ୍ୱ ନେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଧିକ ଆକ୍ରମଣାତ୍ମକ ହୋଇ ଉଠିଥିଲା ଗତଥରର ବିଶ୍ୱ ଚାମ୍ପିୟନ ଦଳ। ଖେଳ ଆରମ୍ଭ ମାତ୍ରେ ଅର୍ଥାତ୍ ୧୬ତମ ମିନିଟରେ ଅଷ୍ଟ୍ରେଲିଆର ୨ ନମ୍ବର ଖେଳାଳି ଟମ୍ କ୍ରେଗ୍ ଏକ ଫିଲ୍ଡ ଗୋଲ ଦେଇ ଚାଇନାକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ୧୯ତମ ମିନିଟରେ ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ଚତୁର୍ଥ ଗୋଲଟି ସ୍କୋର କରିଥିଲେ ବ୍ଲେକ୍ ଗୋଭର୍ସ। ଏହି ଗୋଲ ପେନାଲ୍ଟି କର୍ନରରୁ ହୋଇଥିଲା। ୨୨ତମ ମିନିଟରେ ଅଷ୍ଟ୍ରେଲିଆ ପୁଣି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। କ୍ରମାଗତ ୩ଟି ପେନାଲ୍ଟି କର୍ନର ସୁଯୋଗ ମିଳିଥିବାବେଳେ ତୃତୀୟ ଉଦ୍ୟମରେ ଗୋଲ କରିବାରେ ସଫଳ ହୋଇଥିଲେ ଜେରେମି ହେୱାର୍ଡ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ ୧ ମିନିଟ ଥିବାବେଳେ ଅର୍ଥାତ୍ ୨୯ତମ ମିନିଟରେ ଜ୍ୟାକ୍ ହ୍ୱିଟନ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୬-୦ରେ ପହଞ୍ଚାଇ ଦେଇଥିଲେ।

୩୩ତମ ମିନିଟରେ ଟିମ୍ ବ୍ରାଣ୍ଡ ଫିଲ୍ଡ ଗୋଲ ଦେଇଥିବାବେଳେ ୩୪ତମ ମିନିଟରେ ବ୍ଲେକ୍ ଗୋଭର୍ସ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଚଳିତ ବିଶ୍ୱକପରେ ଗୋଟିଏ ମ୍ୟାଚରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିବା ଏହା ଦ୍ୱିତୀୟ ଦୃଷ୍ଟାନ୍ତ ଥିଲା। ପୂର୍ବରୁ ନେଦରଲାଣ୍ଡ୍ସର ଜେରନ ହର୍ଜବର୍ଗର ଏହି ସଫଳତା ପାଇଥିଲେ। ୩୮ତମ ମିନିଟରେ ୨୬ ନମ୍ବର ଖେଳାଳି ଡେଲାନ ଉଦରସ୍ପୁନ୍ ୩୮ତମ ମିନିଟରେ ଗୋଲ ତାଲିକାରେ ନିଜ ନାମକୁ ସାମିଲ କରାଇ ଦେଇଥିଲେ। ତାଙ୍କ ଫିଲ୍ଡ ଗୋଲ ସହାୟତାରେ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଅଷ୍ଟ୍ରେଲିଆ ୯-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଏଥିସହ ଚଳିତ ବିଶ୍ୱକପରେ ଏହା ସବୁଠାରୁ ହାଇ ସ୍କୋରିଂ ମ୍ୟାଚ ହୋଇ ଯାଇଥିଲା। ପୂର୍ବରୁ ଆର୍ଜେଣ୍ଟିନା-ଫ୍ରାନ୍ସ ଲିଗ୍ ମ୍ୟାଚରେ ସର୍ବାଧିକ ୮ଟି ଗୋଲ ହୋଇଥିଲା। ଏଥିରେ ଫ୍ରାନ୍ସ ୫ ଓ ଆର୍ଜେଣ୍ଟିନା ୩ ଗୋଲ ଦେଇଥିଲା। ଏହି ବିଶ୍ୱକପରେ କୌଣସି ଗୋଟିଏ ମ୍ୟାଚରେ ଗୋଟିଏ ଦଳ ସର୍ବାଧିକ ଗୋଲ ସ୍କୋର କରିବାର ରେକର୍ଡ ମଧ୍ୟ ଅଷ୍ଟ୍ରେଲିଆ ନିଜ ନାମରେ କରାଇଥିଲା। ପୂର୍ବରୁ ନେଦରଲାଣ୍ଡ୍ସ ୭-୦ ଗୋଲରେ ମାଲେସିଆକୁ ହରାଇ ଏହି ରେକର୍ଡର ଅଧିକାରୀ ଥିଲା।

୪୯ତମ ମିନିଟରେ ଫ୍ଲାଇନ୍ ଓଗିଲ୍‌ଭ ଗୋଟିଏ ଗୋଲ ଦେଇ ଅଗ୍ରଣୀ ବ୍ୟବଧାନକୁ ୧୦-୦ରେ ପହଞ୍ଚାଇଥିବାବେଳେ ୫୫ତମ ମିନିଟରେ ଟିମ୍ ବ୍ରାଣ୍ଡ ଏକ ଫିଲ୍ଡ ଗୋଲ ସ୍କୋର କରି ଏହାକୁ ୧୧-୦ରେ ପରିଣତ କରିଥିଲେ।



ବ୍ଲେକ୍ ଗୋଭର୍ସ






















## ପଏଣ୍ଟ ଟେବୁଲ୍ (ପୁଲ୍–ବି)

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୩ | ୩ | ୦ | ୦ | ୧୬ | ୧ | +୧୫ | ୯ |
| ଇଂଲଣ୍ଡ | ୩ | ୧ | ୧ | ୧ | ୬ | ୭ | –୧ | ୪ |
| ଚାଇନା | ୩ | ୦ | ୨ | ୧ | ୩ | ୧୪ | –୧୧ | ୨ |
| ଆୟର୍ଲାଣ୍ଡ | ୩ | ୦ | ୧ | ୨ | ୪ | ୭ | –୩ | ୧ |

(ବି.ଦ୍ର: ଖେ–ଖେଳିଛି, ଜି– ଜିତିଛି, ହା–ହାରିଛି, ଗୋ.ସ–ଗୋଲ ସପକ୍ଷରେ, ଗୋ.ବି–ଗୋଲ୍ ବିପକ୍ଷରେ, ଗୋ.ବ୍ୟ–ଗୋଲ ବ୍ୟବଧାନ, ପ.–ପଏଣ୍ଟ ।)


ଗୋଲସ୍କୋର ପରେ ଉଲ୍ଲସିତ ଇଂଲଣ୍ଡ ଖେଳାଳି।

# ଆୟର୍ଲାଣ୍ଡ ବିଦା

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ପୁଲ୍‘ବି’ର ଅନ୍ତିମ ଲିଗ୍ ମ୍ୟାଚରେ ଇଂଲଣ୍ଡ ୪–୨ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହି ଫଳାଫଳ ଚାଇନାକୁ ସୁହାଇଛି। ପୁଲ୍ ‘ବି’ରୁ ଇଂଲଣ୍ଡ ଦ୍ୱିତୀୟ ଓ ଚାଇନା ତୃତୀୟ ସ୍ଥାନୀୟ ଦଳଭାବେ କ୍ରସ୍ ଓଭରରେ ପ୍ରବେଶ କରିଛନ୍ତି। ୪ର୍ଥ ସ୍ଥାନରେ ରହିଥିବାରୁ ନିୟମ ଅନୁସାରେ ଆୟର୍ଲାଣ୍ଡ ଏଲିମିନେଟ୍ ହୋଇଛି। ଏହି ଗ୍ରୁପରେ ପୂର୍ବରୁ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସାରିଥିବା ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ ୩ ମ୍ୟାଚରୁ ୩ ବିଜୟ ସହ ୯ ପଏଣ୍ଟ ସହିତ ଶୀର୍ଷସ୍ଥାନ ବଜାୟ ରଖିଛି। ଟୁର୍ନାମେଣ୍ଟରେ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଆୟର୍ଲାଣ୍ଡର ଅଭିଯାନ ପୁଲ୍ ପର୍ଯ୍ୟାୟରୁ ଶେଷ ହୋଇଥିବାବେଳେ ୩ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ରଖିଥିବା ଇଂଲଣ୍ଡ ୪ ପଏଣ୍ଟ ସହିତ ଦ୍ୱିତୀୟ ଏବଂ ପୂର୍ବ ମ୍ୟାଚରେ ଅଷ୍ଟ୍ରେଲିଆ ବିପକ୍ଷରେ ଦୟନୀୟ ପ୍ରଦର୍ଶନ କରି ୦–୧୧ ଗୋଲରେ ହାରିଥିଲେ ହେଁ ଚାଇନା ୨ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହି କ୍ରସ୍ ଓଭରରେ ପ୍ରବେଶ କରିଛି। ଚାଇନା ୩ ମ୍ୟାଚରୁ ୨ ଡ୍ର ଓ ୧ ପରାଜୟ ଯୋଗୁ ଆୟର୍ଲାଣ୍ଡକୁ ପଛରେ ପକାଇ ଦେଇଛି। ଆୟର୍ଲାଣ୍ଡ ୩ ମ୍ୟାଚରୁ ୧ ଡ୍ର ଓ ୨ ପରାଜୟ ଯୋଗୁ ମାତ୍ର ୧ ପଏଣ୍ଟ ପାଇ ବିଦାୟ ନେଇଛି। ଅଷ୍ଟ୍ରେଲିଆଠାରୁ ୧–୨ ଗୋଲରେ ହାରିଥିବା ଆୟର୍ଲାଣ୍ଡ ଚାଇନା ବିପକ୍ଷ ମ୍ୟାଚକୁ ୧–୧ ଗୋଲରେ ଡ୍ର ରଖିଥିଲା। ଇଂଲଣ୍ଡଠାରୁ ୨–୪ ଗୋଲରେ ହାରିବା ଦଳପାଇଁ ମହଙ୍ଗା ପଡ଼ିଛି। ଡିସେମ୍ବର ୧୦ରେ ହେବାକୁଥିବା ପ୍ରଥମ କ୍ରସ୍ ଓଭର ମ୍ୟାଚରେ ପୁଲ୍ ‘ବି’ର ତୃତୀୟ ଚାଇନା ଓ ପୁଲ୍ ‘ଏ’ର ଦ୍ୱିତୀୟ ସ୍ଥାନୀୟ ଦଳ ଫ୍ରାନ୍ସ ମଧ୍ୟରେ ମୁକାବିଲା ହେବ। ସେହି ଦିନ ଅନ୍ୟ ଏକ କ୍ରସ୍ ଓଭରରେ ପୁଲ୍ ‘ଏ’ର ତୃତୀୟ ସ୍ଥାନୀୟ ଦଳ ନ୍ୟୁଜିଲାଣ୍ଡକୁ ଭେଟିବ ପୁଲ୍ ‘ବି’ର ଦ୍ୱିତୀୟ ଦଳ ଇଂଲଣ୍ଡ। ତାରକା ଶୁଟର ଗଗନ ନାରଙ୍ଗ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ଜଷ୍ଟିସ ଦେବବ୍ରତ ଦାସ ଅତିଥିଭାବେ ଯୋଗଦେଇ ଇଂଲଣ୍ଡର ଲିଆମ ଆନସେଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପୂର୍ବାନୁମାନ ଅନୁସାରେ ଇଂଲଣ୍ଡ–ଆୟର୍ଲାଣ୍ଡ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିଶ୍ୱର ୧୦ ନମ୍ବର ଦଳ ଆୟର୍ଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ପ୍ରଥମ କ୍ୱାର୍ଟରର ଅନ୍ତିମ କ୍ଷଣ ଅର୍ଥାତ୍ ୧୫ତମ ମିନିଟରେ ଡେଭିଡ୍ କଣ୍ଡନଙ୍କ ଗୋଲ ବଳରେ ୭ ନମ୍ବର ଦଳ ଇଂଲଣ୍ଡ ୧–୦ ଗୋଲରେ ଅଗ୍ରଣୀଲାଭ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ କେହି ଗୋଲ ଦେଇପାରି ନ ଥିଲେ। ତୃତୀୟ କ୍ୱାର୍ଟର ଘଟଣା ବହୁଳ ହୋଇ ଯାଇଥିଲା। ୩୫ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଆୟର୍ଲାଣ୍ଡର କ୍ରିସ୍ କାର୍ଗୋ ମ୍ୟାଚକୁ ୧–୧ ସ୍ଥିତିକୁ ନେଇ ଆସିଥିଲେ। ୩୭ତମ ମିନିଟରେ ଲିଆମ ଅନସେଲ ଏକ ଫିଲ୍ଡ ଗୋଲ ଦେଇ ଇଂଲଣ୍ଡକୁ ୨–୧ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାର କିଛି କ୍ଷଣ ପରେ ଅର୍ଥାତ୍ ସେହି ୩୭ତମ ମିନିଟରେ ଆୟର୍ଲାଣ୍ଡକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ ଶେନ୍ ଓ’ଡୋନୋଘୁଇ। ଏହି ଗୋଲ ବଳରେ ମ୍ୟାଚ ୨–୨ ସ୍ଥିତିକୁ ଚାଲି ଆସିଥିଲା। ଏହାର ୧ ମିନିଟ ପରେ ଅର୍ଥାତ୍ ୩୮ତମ ମିନିଟରେ ଜେମ୍ସ ଗଲ୍ ଏକ ଫିଲ୍ଡ ଗୋଲ ଦେଇ ଇଂଲଣ୍ଡର ଅଗ୍ରଣୀ ବ୍ୟବଧାନକୁ ୩–୨ରେ ପହଞ୍ଚାଇଥିଲେ। ଶେଷ କ୍ୱାର୍ଟରରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆୟର୍ଲାଣ୍ଡ ଆପ୍ରାଣ ଉଦ୍ୟମ କରିଥିଲା। ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଦଳର ଲମ୍ବା ପାସ୍ ରଣନୀତି କାମ ଦେଇ ନ ଥିଲା। ଦଳକୁ ୫୦ ଓ ୫୩ ମିନିଟରେ ୨ଟି ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଅନ୍ୟପକ୍ଷରେ ଇଂଲଣ୍ଡକୁ ୬୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମାର୍କ ଗ୍ଲେଘୋର୍ନ ଇଂଲଣ୍ଡକୁ ୪–୨ ଗୋଲରେ ଅଗ୍ରଣୀ କରାଇଥିଲେ। ଏହି ଗୋଲ ସହ ରେଫରିଙ୍କ ଶେଷ ହ୍ୱିସିଲ ବାଜିଥିଲା।

## କ୍ରସ୍ ଓଭରରେ ଇଂଲଣ୍ଡ, ଚାଇନା

# କଳିଙ୍ଗ ଷ୍ଟାଡିୟମ ରେକର୍ଡ

**ଭୁବନେଶ୍ୱର, ୭।୧୨ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ପୁଲ୍‘ବି’ ଲିଗ୍ ମ୍ୟାଚରେ ଅଷ୍ଟ୍ରେଲିଆ ୧୧–୦ ଗୋଲରେ ଚାଇନାକୁ ପରାସ୍ତ କରିଛି। କଳିଙ୍ଗ ଷ୍ଟାଡିୟମ ହକି ଇତିହାସରେ କୌଣସି ଦଳ ଏତେ ଗୋଲ ବ୍ୟବଧାନରେ ଜିତିବା ଏକ ରେକର୍ଡ। ଏଠାରେ ପୂର୍ବରୁ ୨ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୨୦୧୬–୧୭ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ମ୍ୟାଚ ଗୁଡ଼ିକ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ୨୦୧୪ରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିର ଡିସେମ୍ବର ୭ରେ ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଇଂଲଣ୍ଡ ୮–୨ ଗୋଲରେ ପାକିସ୍ତାନକୁ ହରାଇ ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲା। ତେବେ ବିଶ୍ୱକପ ଇତିହାସରେ ଏହା ବୃହତ୍ ବ୍ୟବଧାନ ବିଜୟ ରେକର୍ଡ ନୁହେଁ। ୧୯୮୨ ବିଶ୍ୱକପରେ ପାକିସ୍ତାନ ଏକ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୨–୩ ଗୋଲରେ ପରାସ୍ତ କରିଥିଲା। ସେହିପରି ୨୦୧୦ ନୂଆଦିଲ୍ଲୀ ବିଶ୍ୱକପରେ ଅଷ୍ଟ୍ରେଲିଆ ୧୨–୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ତେଣୁ ପାକିସ୍ତାନ–ନ୍ୟୁଜିଲାଣ୍ଡ ମ୍ୟାଚ ହାଇ ସ୍କୋରିଂ ରେକର୍ଡ ବହନ କରୁଥିବାବେଳେ ସର୍ବାଧିକ ଗୋଲ ବ୍ୟବଧାନରେ ବିଜୟ ରେକର୍ଡ ଅଷ୍ଟ୍ରେଲିଆ ନାମରେ ପୂର୍ବରୁ ରହିଛି।

# ଅଷ୍ଟ୍ରେଲିଆର ସଂଘର୍ଷ ଜାରି

**ଆଡିଲେଡ୍ ଟେଷ୍ଟ**

**ଆଡିଲେଡ୍, ୭।୧୨ (ପି.ଟି.)**

ଭ୍ରମଣକାରୀ ଭାରତ ବିପକ୍ଷରେ ସ୍ଥାନୀୟ ଆଡିଲେଡ୍ ଓଭାଲରେ ଚାଲିଥିବା ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଭାରତର ପ୍ରଥମ ଇନିଂସ ସ୍କୋର ୨୫୦ ରନ ଜବାବରେ ଘରୋଇ ଅଷ୍ଟ୍ରେଲିଆ ଶୁକ୍ରବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ଉଇକେଟ୍ ହରାଇ ୧୯୧ ରନ ସଂଗ୍ରହ କରିଛି। ହାତରେ ଆହୁରି ୩ ଉଇକେଟ୍ ବଳକା ରହିଥିବାବେଳେ ଅଷ୍ଟ୍ରେଲିଆ ଇନିଂସ ଅଗ୍ରଣୀ ପାଇଁ ଆଉ ୫୦ ରନ ଆବଶ୍ୟକ କରୁଛି। ମଧ୍ୟକ୍ରମରେ ଟ୍ରାଭିସ ହେଡ୍ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ସଂଘର୍ଷ ଜାରି ରଖିଛନ୍ତି।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୦/୯ରୁ ଶୁକ୍ରବାର ବ୍ୟାଟିଂ ଆରମ୍ଭ କରିଥିବା ଭାରତ ୨ୟ ଦିବସର ପ୍ରଥମ ବଲ୍‌ରେ ମହମ୍ମଦ ସାମିଙ୍କ (୬) ରୂପରେ ଅନ୍ତିମ ଉଇକେଟ୍ ହରାଇଥିଲା। ଜୋଶ୍ ହାଜେଲଉଡ୍‌ଙ୍କ ବଲକୁ ଖେଳିବାକୁ ଯାଇ ସାମି ଉଇକେଟ୍ ପଛରେ ଅଧିନାୟକ ଟିମ୍ ପେନ୍‌ଙ୍କ ଗ୍ଲୋଭସ୍‌ରେ ଧରାପଡ଼ିଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଘରୋଇ ଅଷ୍ଟ୍ରେଲିଆ ପ୍ରାରମ୍ଭରୁ ନିର୍ଭରଯୋଗ୍ୟ ଆରୋନ୍ ଫିଞ୍ଚ୍ (୦)ଙ୍କ ଉଇକେଟ୍ ହରାଇଥିଲା। ପ୍ରଥମ ଓଭରର ୩ୟ ବଲ୍‌ରେ ଫିଞ୍ଚ୍‌ଙ୍କୁ କ୍ଲିନ୍ ବୋଲ୍ଡ କରି ଇଶାନ୍ତ ଶର୍ମା ଭାରତକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହାପରେ ମାର୍କସ ହାରିସ (୨୬ ରନ), ଉସ୍‌ମାନ ଖ୍ୱାଜା (୨୮) ଓ ପିଟର ହ୍ୟାଣ୍ଡସ୍କମ୍ବ (୩୪) ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିପାରି ନ ଥିଲେ। ସେହିଭଳି ଅଧିନାୟକ ପେନ୍ (୫) ଓ ଶନ୍ ମାର୍ଶ (୨)ଙ୍କ ବ୍ୟାଟିଂ ବିଫଳତା ଯୋଗୁ ଅଷ୍ଟ୍ରେଲିଆ ଏକଦା ୧୨୭ ରନରେ ୬ଟି ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଗୋଟିଏ ପଟେ ଧୈର୍ଯ୍ୟର ସହ ବ୍ୟାଟିଂ କରୁଥିବା ହେଡ୍ ୭ମ ଉଇକେଟ୍‌ରେ ପ୍ୟାଟ୍ କମିନ୍ସ (୧୦)ଙ୍କୁ ସାଥୀ କରି ଗୁରୁତ୍ୱପୂର୍ଣ୍ଣ ୫୦ ରନର ଭାଗୀଦାରି କରିଥିଲେ। ଯଶପ୍ରୀତ୍ ବୁମ୍‌ରା ଏହି ଯୋଡ଼ିକୁ ଭାଙ୍ଗି ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ହେଡ୍ ଓ ଷ୍ଟାର୍କ ଯୋଡ଼ି ଦିବସ ଶେଷ ସୁଦ୍ଧା ଅଷ୍ଟ୍ରେଲିଆକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଅଷ୍ଟ୍ରେଲିଆ ୭ ଉଇକେଟ୍‌ରେ ୧୯୧ ରନ ସଂଗ୍ରହ କରିଛି। ହେଡ୍ ୧୪୯ ବଲରୁ ୬ ଚୌକା ସହ ୬୧ ଓ ଷ୍ଟାର୍କ ୮ ରନ କରି ଅପରାଜିତ ରହିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ୩ଟି ଉଇକେଟ୍ ନେଇଥିବାବେଳେ ଇଶାନ୍ତ ଓ ବୁମ୍‌ରା ୨ଟି ଲେଖାଏ ସଫଳତା ପାଇଛନ୍ତି।

**ସଂକ୍ଷିପ୍ତ ସ୍କୋର: ଭାରତର ପ୍ରଥମ ଇନିଂସ–** ୨୫୦/୧୦, ୮୮ ଓଭର (ପୂଜାରା ୧୨୩, ରୋହିତ ୩୭, କୋହଲି ୩, ପନ୍ତ ୨୫, ହାଜେଲଉଡ ୩/୫୨)। **ଅଷ୍ଟ୍ରେଲିଆ ପ୍ରଥମ ଇନିଂସ–** ୧୯୧/୭, ୮୮ ଓଭର (ହେଡ୍ ୬୧*, ହ୍ୟାଣ୍ଡସ୍କମ୍ବ ୩୪, ଫିଞ୍ଚ ୦, ଖ୍ୱାଜା ୨୮, ଅଶ୍ୱିନ ୩/୫୦)।

# ଅନୁରାଗ, ସୂର୍ଯ୍ୟକାନ୍ତ ଓଡ଼ିଶାକୁ ଅଗ୍ରଣୀ ଦେଲେ

**କଟକ ଅଫିସ,୭।୧୨**

ରାଞ୍ଚିସ୍ଥିତ ଜେଏସ୍‌ସିଏ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ଝାଡ଼ଖଣ୍ଡ ବିପକ୍ଷରେ ଅନୁଷ୍ଠିତ ରଣ୍‌ଜୀ ଟ୍ରଫି ମ୍ୟାଚ୍‌ରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଝାଡ଼ଖଣ୍ଡର ପ୍ରଥମ ଇନିଂସ ସ୍କୋର ୧୭୨ ରନ ଜବାବରେ ଭ୍ରମଣକାରୀ ଓଡ଼ିଶା ପ୍ରଥମ ଇନିଂସରେ ୨୦୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଅନୁରାଗ ଷଡ଼ଙ୍ଗୀ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ଅର୍ଦ୍ଧଶତକ ହାସଲ କରି ଓଡ଼ିଶାକୁ ଅଗ୍ରଣୀ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜବାବରେ ୨୯ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଝାଡ଼ଖଣ୍ଡ ଶୁକ୍ରବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୧୦୭ ରନ୍ କରିଛି। ସୌରଭ ତିୱାରୀ(୨୨ ରନ୍) ଓ ଇଶାଙ୍କ ଜାଗୀ (୨୯ ରନ୍) ଅପରାଜିତ ଅଛନ୍ତି। ଏଥିସହ ଝାଡ଼ଖଣ୍ଡ ୭୮ ରନ୍‌ର ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୨୭ ରନ୍ କରିଥିଲା। ଅଧିନାୟକ ବିପ୍ଳବ ସାମନ୍ତରାୟ (୧୦ ରନ୍) ଓ ଅନୁରାଗ ଷଡ଼ଙ୍ଗୀ (୯ ରନ୍)ରେ ଅପରାଜିତ ଥିଲେ। ଶୁକ୍ରବାର ବିପ୍ଳବ ୨୩ ରନ୍ କରି ଆଉଟ ହେବାପରେ ଅଲରାଉଣ୍ଡର ଅଭିଶେକ ରାଉତଙ୍କଠାରୁ ଆକ୍ରମଣାତ୍ମକ ବ୍ୟାଟିଂ ଦେଖିବାକୁ ମିଳିଥିଲା। ଅଭିଷେକ ୮ଟି ଚୌକା ବଳରେ ୩୭ ରନ୍ କରି ଆଉଟ ହୋଇଥିଲେ। ଏହାପରେ ଉଇକେଟକିପର ସୁଜିତ ଲେଙ୍କା (୫) ବିଫଳ ହେବାରୁ ଓଡ଼ିଶା ୧୩୦ ରନ୍‌ରେ ୬ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ତେବେ ଧୈର୍ଯ୍ୟର ସହ ଖେଳୁଥିବା ଓପନର ଅନୁରାଗ ଓ ସୂର୍ଯ୍ୟକାନ୍ତଙ୍କ ଭାଗୀଦାରିରେ ଓଡ଼ିଶାକୁ ୨୦୦ ରନ ଅତିକ୍ରମ କରାଇଥିଲେ। ଅନୁରାଗ ୫୮ (୮ ଚୌକା, ୧ ଛକା) ଓ ସୂର୍ଯ୍ୟକାନ୍ତ ୪ଟି ଲେଖାଏ ଚୌକା ଓ ଛକା ସହ ୫୪ ରନ କରିଥିଲେ। ନିମ୍ନକ୍ରମର ବିଫଳତା ଯୋଗୁ ଓଡ଼ିଶା ୨୦୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ରାହୁଲ ଶୁକ୍ଲା, ବରୁଣ ଆରୋନ, ରାହୁଲ ପ୍ରସାଦ, ଅନୁକୂଳ ରୟ ୨ଟି ଲେଖାଏ ଉଇକେଟ ହାସଲ କରିଛନ୍ତି।

# ୪୯ ବର୍ଷ ପରେ ନ୍ୟୁଜିଲାଣ୍ଡର ବିଜୟ

**ଆବୁଧାବି, ୭।୧୨ (ଏଏଫ୍‌ପି)**

ସ୍ଥାନୀୟ ଶେଖ୍ ଜାୟେଦ ଷ୍ଟାଡିୟମଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ୧୨୩ ରନରେ ବିଜୟ ହାସଲ କରିଛି। ବିଦେଶରେ ଦୀର୍ଘ ୪୯ ବର୍ଷ ବ୍ୟବଧାନରେ ପାକିସ୍ତାନ ବିପକ୍ଷରେ ଦଳର ଏହା ପ୍ରଥମ ବିଜୟ। ୭୯ଓଭରରେ ୨୮୦ ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୫୬.୧ ଓଭରରେ ୧୫୬ ରନ କରି ଅଲଆଉଟ ହୋଇଯାଇଥିଲା। ଶୁକ୍ରବାର ଏହି ବିଜୟ ଦ୍ୱାରା ନ୍ୟୁଜିଲାଣ୍ଡ ୨–୧ରେ ସିରିଜ ବିଜୟୀ ହୋଇଛି। ଏହି ଭେନ୍ୟୁରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ୪ ରନରେ ବିଜୟ ଲାଭ କରିଥିଲା। ଦୁବାଇଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଏକ ଇନିଂସ ଓ ୧୬ରନରେ ବିଜୟ ହାସଲ କରି ପାକିସ୍ତାନ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହାପୂର୍ବରୁ ନ୍ୟୁଜିଲାଣ୍ଡ ଶେଷଥର ପାଇଁ ୧୯୬୯ରେ ପାକିସ୍ତାନ ବିପକ୍ଷରେ ପାକିସ୍ତାନରେ ୧–୦ରେ ସିରିଜ ବିଜୟୀ ହୋଇଥିଲା।

JD Wishes Indian Hockey Team
Good Luck TEAM INDIA
ADMISSIONS OPEN - 2019
JD INSTITUTE OF FASHION TECHNOLOGY
FASHION DESIGN
INTERIOR DESIGN (1/2/3 Years)
Call: 9776694573 | 8249468566

YAMAHA
The call of the BLUE
ONE TEAM ONE DREAM
PMG MOTORS
Satichaura, Cuttack, Ph.: 7854912006, 7854912003

DO THE BEST YOU CAN BE... TEAM INDIA
SPARK FURNITURE PVT. LTD.
Khandagiri, Bhubaneswar, 9777915527

BEST WISHES FOR OUR INDIAN HOCKEY TEAM
Shoukeen MATTRESS

"My life, My reputation, My Soul is my flag. Lakhs of Sahids like Bhagat Singh died only for my Indian Flag.
Let's Team India fight till your last blood to give the real tribute to our Sahids.
Today you have to defeat your opponent. Jay Hind."
Furniture Godown

RAJ ELECTRONICS
ODISHA's No.1 Retail Chain Store
BEATS FOR HOCKEY
Wishing ALL THE BEST to Indian team
Ab, Bas Hockey!
Accept the challenges so that you can feel the exhilaration of victory

ALL THE BEST INDIA
WEFE Internet
Speed up to 1000 Mbps
TOLL FREE 1800 270 1255 | 909090 8888
Bhubaneswar | Cuttack | Khurda | Berhampur

CHEER FOR INDIA
HOCKEY IS HOCKEY
ପ୍ରିୟଦର୍ଶନୀ PRIYADARSHINI
11, WESTERN TOWER, MARKET BUILDING BHUBANESWAR, Ph.: 0674-2532140
Branches: B.P. Airport, BBSR V.I.P. Road, Puri

BEST OF LUCK INDIA
HINDUSTAN ELECTRONICS
Phone: 0674-2535581

Zelssy
CHAK DE INDIA
Comming Soon...

THE BIGGER YOU DREAM
THE BIGGER YOU PLAY
OWN THE MOMENT
Team India
GREEN CHILLYZ
Specialist in BIRYANI & TANDOOR

Come on India!
THE DUKE
ROCK THE WORLD
ATTITUDE STARTS HERE
BE THE FIRST TO CATCH THE ALL NEW KTM 125 DUKE
KTM
JAYADEV VIHAR - KTM
Near Mayfair Hotel, Contact No.: 7504992106/04/01

ଧରିତ୍ରୀ
DHARITRI



# ଏନଜିଟି ଝାଟ: ଚେତିଲା ପଶ୍ଚିମବଙ୍ଗ ପ୍ରଶାସନ

**ଜଳେଶ୍ୱର, ୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ସୁବର୍ଣ୍ଣରେଖା ନଦୀର କୁଅଁରପୁର, ମାକିଡ଼ିଆ, ବିଳାଶପୁର ଆଦି ବାଲିଶଯ୍ୟାଗୁଡ଼ିକରୁ ଦୀର୍ଘବର୍ଷ ହେଲା ପଶ୍ଚିମବଙ୍ଗ ବାଲିମାଫିଆମାନେ ବେଆଇନ ତଥା ବଳପୂର୍ବକ ଭାବେ ସ୍ୱମ୍ପପମ୍ପକୁ ବ୍ୟବହାର କରି ନଦୀଗର୍ଭରୁ ବାଲି ଉତ୍ତୋଳନ କରିଆସୁଥିଲେ। ବେଆଇନ ବାଲି ଉତ୍ତୋଳନକୁ ଯଥାଶୀଘ୍ର ରୋକ୍ ଲଗାଇ ପରିବେଶ ସମ୍ବନ୍ଧିତ ସମସ୍ତ ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଏନଜିଟି ନିର୍ଦ୍ଦେଶ ଦେବା ପରେ ପ୍ରଥମଥର ପାଇଁ ପଶ୍ଚିମବଙ୍ଗ ସରକାରଙ୍କ ଚେତା ପଶିଛି। ଶୁକ୍ରବାର ପଶ୍ଚିମବଙ୍ଗ ସରକାର



ସୁବର୍ଣ୍ଣରେଖାରେ ବେଆଇନ ବାଲି ଉତ୍ତୋଳନ।

ବାଲିମାଫିଆଙ୍କ ଏତାଦୃଶ୍ୟ କାର୍ଯ୍ୟ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିଛି। ଦାନ୍ତୁନ୍ ରାଜସ୍ୱ ସର୍କଲର ବ୍ଲକ ଲ୍ୟାଣ୍ଡ ଆଣ୍ଡ ଲ୍ୟାଣ୍ଡ ରିଫର୍ମ ଅଫିସର୍ (ବିଏଲଏଏଲଆରଓ)ଙ୍କ ସମେତ ଦାନ୍ତୁନ୍ ଥାନା ଏଏସ୍ଆଇ ଗୌତମ ମଜୁମଦାର, ଚନ୍ଦନ ମହାତୋ ଓ ପୋଲିସ

## ବେଆଇନ ବାଲିଘାଟ ଉପରେ ଚଢ଼ାଉ: ସ୍ୱମ୍ପପମ୍ପ ମେଶିନ ଜବତ

ଫୋର୍ସ ଲଳିତାପୁରା, ଘୋଳାଇ ଏବଂ ଗରତପୁର ନଦୀ ବାଲିଶଯ୍ୟାରେ ଅତର୍କିତ ଭାବେ ଚଢ଼ାଉ କରି ଏକାଧିକ ସ୍ୱମ୍ପପମ୍ପ ମେଶିନ ଜବତ କରିବା ସହିତ ବାଲି ଉତ୍ତୋଳନରେ ବ୍ୟବହୃତ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତିଗୁଡ଼ିକୁ ଭାଙ୍ଗିରୁଜି ନଷ୍ଟ କରିଛନ୍ତି। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ବାଲିମାଫିଆଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି।

ପଶ୍ଚିମବଙ୍ଗ ବାଲି ମାଫିଆଙ୍କ ବେଆଇନ ବାଲି ଉତ୍ତୋଳନ ଫଳରେ ନଦୀର ଆଖପାଖ ଅଞ୍ଚଳର ଜମି ଏବଂ ଗ୍ରାମ ନଦୀ ଗର୍ଭରେ ଲୀନ ହେବାରେ ଲାଗିଛି। ଏହାକୁ ନେଇ ଉଭୟ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଗଣମାଧ୍ୟମରେ ବାରମ୍ବାର ସ୍ୱର ଉତ୍ତୋଳନ ହୋଇଥିଲା। ଏନେଇ ସାମାଜିକ କର୍ମୀ ସୁଦର୍ଶନ ଦାସ ନୂଆଦିଲ୍ଲୀସ୍ଥିତ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ଆବେଦନ କରିଥିଲେ। ଏହି ମାମଲାର ଶୁଣାଣି କରି ଏନ୍‌ଜିଟି କୋର୍ଟ ଝାଡ଼ଖଣ୍ଡ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଓ ପଶ୍ଚିମବଙ୍ଗରେ ହେଉଥିବା ଏହି ବେଆଇନ ବାଲି ଉତ୍ତୋଳନକୁ ନେଇ ଏକ ତଦନ୍ତ କମିଟି ଗଠନ କରିଥିଲେ। ଏନ୍‌ଜିଟି ତାଙ୍କ ରାୟରେ ଏହି କମିଟି ବେଆଇନ ବାଲି ଉତ୍ତୋଳନକୁ ଯଥାଶୀଘ୍ର ରୋକ୍ ଲଗାଇ ପରିବେଶ ସମ୍ବନ୍ଧିତ ସମସ୍ତ ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବେ ବୋଲି ସ୍ପଷ୍ଟ କରିଥିଲେ।

# ମରଣାନ୍ତକ ଆକ୍ରମଣ ମାମଲା: ୨ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ

**ଭଦ୍ରକ ଅଫିସ, ୭।୧୨**

ଭଦ୍ରକ ଜିଲା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅମିୟ ରଞ୍ଜନ ଜେନା ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ୨ ବର୍ଷ ଲେଖାଏ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ତିହିଡ଼ି ଥାନା ବାଲିବିଲି ଗ୍ରାମର ସନ୍ତୋଷ ମଲିକଙ୍କ ସହ ଗଜପୁରର କାଳିଆ ଓରଫ ଦିଲୀପ କୁମାର ନାଥ ଓ ଦୋଳସାହିର ଗୁକୁନା ନାଥଙ୍କର ବିବାଦ ଥିଲା। ୨୦୧୬ ମେ ୧୫ ତାରିଖ ସନ୍ଧ୍ୟାରେ ସନ୍ତୋଷଙ୍କୁ କାଳିଆ, ଗୁକୁନା ଓ ତାଙ୍କ ବାପା ସୁନିଆ ଏବଂ ରାଢଙ୍ଗର ରବିନାରାୟଣ ନାୟକ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ତିହିଡ଼ି ଥାନାରେ ଏକ ମାମଲା (ନଂ.୨୧୧/୨୦୧୬) ରୁଜୁ ହୋଇ ୪ ଆକ୍ରମଣକାରୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ମାଜିଷ୍ଟ୍ରେଟ ଜେନା ସାକ୍ଷ୍ୟପ୍ରମାଣକୁ ବିଚାରକୁ ନେଇ ସୁନିଆ ଓ ରବିନାରାୟଣଙ୍କୁ ଖଲାସ କରିଥିବା ବେଳେ କାଳିଆ ଓ ଗୁକୁନାଙ୍କୁ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ଝୋଟି ଆଙ୍କି ପୁରସ୍କାର ପାଇଲେ ଗାୟତ୍ରୀ, ଶୁଭଶ୍ରୀ, ଲିପି

**କେନ୍ଦୁଝର ୭।୧୨ (ସ୍ୱ.ପ୍ର.)** - ଝୋଟି ଓଡ଼ିଆ ପରିବାରରେ କଳା, ସଂସ୍କୃତିର ନିଦର୍ଶନ । ମହିଳାମାନେ ଅରୁଆ ଚାଉଳ ବାଟି କାନ୍ଥରେ ଝୋଟି ଅଙ୍କନ କରି ଘରର ଶୋଭା ବଢ଼ାଇଥାନ୍ତି । ମାର୍ଗଶିର ମାସରେ ମାଣବସା ଲକ୍ଷ୍ମୀ ପୂଜା ପାଇଁ ମହିଳାମାନେ ଘରେ ଘରେ ଝୋଟି ଆଙ୍କିଥାନ୍ତି । ଝୋଟି ଭଳି ଚିତ୍ରକଳା ପ୍ରତି ଆଦର ବଢ଼ାଇବାକୁ ମାର୍ଗଶୀର ମାସ ଗୁରୁବାର ଉପଲକ୍ଷେ କେନ୍ଦୁଝର ସଦର ବ୍ଲକ ଅଧୀନ ପଦ୍ମପୁର ସ୍ଥିତ ପୁଟୁଳିଆର ଭୁବନାନନ୍ଦ ପବ୍ଲିକ ସ୍କୁଲରେ ଛାତ୍ରୀଙ୍କ ମଧରେ ପ୍ରତିଯୋଗିତା କରାଯାଇଥିଲା । ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ପଢୁଥିବା ୩୫ ଛାତ୍ରୀ ଏଥିରେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ସାହୁ ୧ମ ଓ ଶୁଭଶ୍ରୀ ଦାଶ ୨ୟ ସ୍ଥାନ ଗ୍ରହଣ କରିଥିବା ବେଳେ ସପ୍ତମ ଶ୍ରେଣୀ ଛାତ୍ରୀ ଲିପି ଦେହୁରୀ ୩ୟ ସ୍ଥାନ ଗ୍ରହଣ କରି ପୁରସ୍କୃତ ହୋଇଥିଲେ । ଓଡିଆ ସଂସ୍କୃତିରେ ଝୋଟି ପରମ୍ପରାକୁ ମନେ ପକାଇବା ସହ ଅନ୍ତର୍ନିହିତ ଚିତ୍ରକଳା ପ୍ରତିଭା ପ୍ରଦର୍ଶନ କରିବା ଏଭଳି ପ୍ରତିଯୋଗିତାର ଲକ୍ଷ୍ୟ ଥିଲା । ଶିକ୍ଷୟତ୍ରୀ ଲବଙ୍ଗଲତା ମହାନ୍ତ ଉକ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

### ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ଆନନ୍ଦପୁର,୭।୧୨(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ପଞ୍ଚୁପଲ୍ଲୀ ଗାଁ ନିକଟରେ ଟ୍ରାକ୍ଟର ଓଲଟି ଡ୍ରାଇଭର ମଣ୍ଟୁ ଜେନାଙ୍କ ମୃତ୍ୟୁ ଘଟିଛି । ତାଙ୍କ ଘର ନିକଟସ୍ଥ ଗୁହାଳିଆ ଗାଁରୋ ସମ୍ପୃକ୍ତ ଟ୍ରାକ୍ଟରରେ ମାଟି ଆଣିବାକୁ ଯାଉଥିବା ସମୟରେ ଏକ ବିଲ ନିକଟରେ ହଠାତ୍ ଭାରସାମ୍ୟ ହରାଇ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭର ମଣ୍ଟୁ ଟ୍ରାକ୍ଟର ତଳେ ଚାପିହୋଇ ଯାଇଥିଲେ । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି ।

### କୋଠାରୁ ଖସି ଶ୍ରମିକ ଗୁରୁତର

**ଆନନ୍ଦପୁର,୭। ୧୨(ସ୍ୱ.ପ୍ର.)**- କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ବୈତରଣୀ ବ୍ରିଜ୍ ନିକଟ ସିଂହ ସାହି ଠାରେ ଶୁକ୍ରବାର ଦୁଇମହଲା ଛାତରୁ ଖସି ରବୀନ୍ଦ୍ର ଜେନା ନାମକ ଜଣେ ନିର୍ମାଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି । ଆହତ ଶ୍ରମିକ ପଞ୍ଚୁପଲ୍ଲୀ ଗାଁର । ସିଂହସାହି ଛକଠାରେ ଏକ ଦୁଇମହଲା କୋଠାଘର ନିର୍ମାଣ କାମରେ ଘର କାମ କରୁଥିବା ସମୟରେ ହଠାତ୍ ତଳକୁ ଖସିପଡି ସେ ଗୁରୁତର ଆହତ ହୋଇଥିଲେ। ଘର ମାଲିକଙ୍କ ସହାୟତାରେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

### ମୋରମ ବୋଝେଇ ଗାଡ଼ି ଜବତ

**ହାଟଡିହୀ, ୭।୧୨(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅନ୍ତର୍ଗତ ଛେନାପଦି ଛକ ଠାରୁ ନନ୍ଦିପଦା ପୋଲିସ ଏସଆଇ ବିଜୟ୍ କୁମାର ମଲ୍ଲିକ ବିଳମ୍ବିତ ରାତିରେ ଦୁଇ ମୋରମ ବୋଝେଇ ଗାଡି ଜବତ କରିଛନ୍ତି। ଟ୍ରକ ଦୁଇଟି ମୋରମ ଚୋରା ଚାଲାଣ କରୁଥିବା ଜଣାପଡିବା ପରେ ଗାଡି ଦୁଇଟିକୁ ଥାନାରେ ଆଣି ଅଟକ ରଖାଯାଇଛି। ଗାଡି ଡ୍ରାଇଭର ଫେରାର ହୋଇଯାଇଥିବାବେଳେ ଏନେଇ ହାଟଡିହୀ ତହସିଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇଛି।

### ବନ୍ଦ ଥିବା ମାଙ୍କଡା ପଥର ଖଣି ଚିହ୍ନଟ

**ହାଟଡିହୀ, ୭। ୧୨(ଡି.ଏନ୍.ଏ.)**- କେନ୍ଦୁଝର ଜିଲା ହାଟଡିହୀ ତହସିଲ ତରଫରୁ ଢେଙ୍କା ମାଙ୍କଡା ଖଣିକୁ ଲିଜ୍ ଦିଆଯାଇଥିଲା। କିନ୍ତୁ ସ୍ଥାନୀୟ୍ ଲୋକଙ୍କ ବିରୋଧ ପାଇଁ ମାଙ୍କଡା ଖଣିଟି ବନ୍ଦ ହୋଇ ପଡିରହିଥିଲା। ହାଟଡିହୀ ତହସିଲ ତରଫରୁ ଗୁରୁବାର ପୋଲିସ ଫୋର୍ସ ଉପସ୍ଥିତରେ ଖଣିର ଆୟତନ ଚିହ୍ନଟ କରାଯାଇଛି। ଏଥିସହ ଖଣିକୁ ଯିବା ପାଇଁ ରାସ୍ତା ମଧ ବାହାର କରାଯାଇଛି। ଚିହ୍ନଟ ସମୟରେ ତହସିଲଦାର ଗାୟତ୍ରୀ ସୋରେନ , ଅତିରିକ୍ତ ତହସିଲଦାର ଦୀପକ ଟେଟେ, ସ୍ଥାନୀୟ୍ ପୋଲିସ,ଆରଆଇ, ଅମୀନ ଓ ଲିଜଧାରୀ ଉପସ୍ଥିତ ଥିଲେ।

# ଖଣି ଘେରାଉ ପରେ ୪ ନେତା ଗିରଫ

## ଖଣ୍ଡବନ୍ଧ ଖଣି ଅଞ୍ଚଳରେ ପ୍ରତିକ୍ରିୟା, ଉତ୍ତେଜନା

**ଯୋଡା, ୭।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳରେ ଅବସ୍ଥିତ ଖଣ୍ଡବନ୍ଧ ଖଣିରେ ନିଯୁକ୍ତି ଦାବି କରି ସ୍ଥାନୀୟ ଶ୍ରମିକ ତଥା ଅଞ୍ଚଳବାସୀ ବୁଧବାର ଘେରାଉ ଆନ୍ଦୋଳନ କରିଥିଲେ। ଖଣି କର୍ତ୍ତୃପକ୍ଷ ଲୋକଙ୍କୁ ଏହି ଘଟଣାରେ ଲୋକଙ୍କୁ ବୁଝାଶୁଝା କରି ପୋଲିସ ଉପସ୍ଥିତିରେ କାମ ଆରମ୍ଭ କରିଥିଲେ । ଏହି ଘେରାଉ ଆନ୍ଦୋଳନ ଘଟଣା ନେଇ ପୋଲିସ ଏକ ମାମଲା(ନଂ. ୧୫୨/୨୦୧୮ ରୁଜୁ କରି ଶୁକ୍ରବାର ୪ ଜଣଙ୍କୁ ଗିରଫ କରିଛି । ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଯୋଡା ଟ୍ରକ ଓନର ଆସୋସିଏଶନର ସଭାପତି ଭକ୍ତ ମହାନ୍ତ, କମଳପୁର ଅଞ୍ଚଳର ରାଜକିଶୋର ବାରିକ୍, ଜୁରୁଡି ଅଞ୍ଚଳର ଚିତ୍ତରଞ୍ଜନ ମିଶ୍ର ଓ ଖଣ୍ଡବନ୍ଧ ଅଞ୍ଚଳର ମୁନା ମୁଣ୍ଡା । ଗିରଫ ଭକ୍ତ ମହାନ୍ତ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ବିଧାୟକ ସନାତନ ମହାକୁଡଙ୍କ ଯୋଡା ବ୍ଲକ ପ୍ରତିନିଧି ବୋଲି ଜଣାପଡିଛି । ଆନ୍ଦୋଳନକାରୀଙ୍କ ପ୍ରତି ଏଭଳି କାର୍ଯ୍ୟାନୁଷ୍ଠାନ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି ।

ଅଞ୍ଚଳବାସୀ ଦର୍ଶାଇଛନ୍ତି ଯେ, ଟାଟା କମ୍ପାନୀ ଏହି ଖଣି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ୨୦୧୦ ମସିହାରେ ଜନଶୁଣାଣି କରିଥିଲା । ଉକ୍ତ ଖଣିରେ ୨୦୦ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା । ପରେ ୪୪ ଜଣଙ୍କୁ କମ୍ପାନୀ ନିଯୁକ୍ତି ଦେଇ ଖଣି ଚାଲୁ ହେଲେ ଅବଶିଷ୍ଟ ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି କହିଥିଲା । ପ୍ରତିଶ୍ରୁତି ଅନୁଯାୟୀ ଖଣିରେ ନିଯୁକ୍ତି ଦିଆ ନ ଯିବାରୁ ସ୍ଥାନୀୟ ଜଳହରି, ଜଜାଙ୍ଗ ଓ ଜୁରୁଡି ଗ୍ରାମ ପଞ୍ଚାୟତର ଶତାଧିକ ମହିଳାପୁରୁଷ ଏହାର ପ୍ରତିବାଦରେ ଗତ ୫ ତାରିଖରେ ଖଣି ଘେରାଉ କରିଥିଲେ । ଯୋଡା ଖଣିମଣ୍ଡଳରେ ଥିବା ଅନେକ ଖଣିରେ ଯାନ୍ତ୍ରିକ ବ୍ୟବସ୍ଥା କରାଯାଉଥିବାରୁ ବହୁ ଶ୍ରମିକ କାମ ପାଉନାହାନ୍ତି । ନିଯୁକ୍ତି ଦାବି କଲେ ପ୍ରଶାସନ କମ୍ପାନୀମାନଙ୍କ ପକ୍ଷରେ ଯାଇ ପୋଲିସ ଭୟ ଦେଖାଇ ଶ୍ରମିକ ଓ ଅଞ୍ଚଳବାସୀଙ୍କ ଦାବିକୁ ଚାପି ଦେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

## ଅଘୋଷିତ ବିଦ୍ୟୁତ କାଟ ଜାରି

**ରାଇସୁଆଁ, ୭।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ଅଞ୍ଚଳର ଦିନକୁ ୧୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ ହେଉଛି। ଫଳରେ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବ୍ୟାହତ ହେବାସହ ବିଜୁଳି ସଂଯୋଗ ଥାଇ ଲୋକ ମାନେ ଡିବିରି ଆଲୋକରେ ଜୀବନ ବତାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର ରାଜେଶ ସାହୁ କୁହନ୍ତି ସରକାର ଘର ଘରକୁ ବିଦ୍ୟୁତ ଆଲୋକ ଯୋଜନା କରିଛନ୍ତି। ମାତ୍ର ଏହା ପ୍ରହସନରେ ପରିଣତ ହେଉଛି। ବିଜୁଳି ସଂଯୋଗ ଥାଇ ମଧ ଅହେତୁକ ବିଦ୍ୟୁତ କାଟ ଯୋଗୁ ଅନଲାଇନ କାର୍ଯ୍ୟ ହୋଇ ପାରୁନି ଫଳରେ ଛାତ୍ରୀଛାତ୍ରମାନେ ଅନଲାଇନ ଆବେଦନ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ବହୁ ଆଶାୟୀ ଆବେଦନରୁ ବଞ୍ଚିତ ମଧ ହେଉଥିବା ଦେଖିବାକୁ ମିଳୁଛି। ରାତି ସାରା ବିଜୁଳି ଆଲୋକ ନ ରହିବାରୁ ସାଧାରଣ ଜୀବନ ଯାପନ ବ୍ୟାହତ ହେବା ସହ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ହେବାରେ ଲାଗିଛି। ଏହି ଅଘୋଷିତ ବିଦ୍ୟୁତ କାଟ ବିଷୟରେ ଜାଣିବା ପାଇଁ ବହୁ ବାର ବିଦ୍ୟୁତ ବିଭାଗ ଏସଡିଓ ସର୍ବେଶ୍ୱର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନାହାନ୍ତି। ଜିଲାପ୍ରଶାସନ ଦୃଷ୍ଟି ଦେବା ସହ ପଦକ୍ଷେପ ଗ୍ରହଣ କରିବାକୁ ବହୁ ଜନସାଧାରଣ ଦାବି କରିଛନ୍ତି।

## ମ୍ୟାଜିକ ଦେଖାଇବା ମହଙ୍ଗା ପଡ଼ିଲା

# କିରୋସିନ ପିଇ ଛାତ୍ର ଅସୁସ୍ଥ

**କେନ୍ଦୁଝର ୭।୧୨ (ସ୍ୱ.ପ୍ର.)**

ପାଟିରେ କିରୋସିନି ପୁରାଇ ଫୁଙ୍କିଲେ ନିଆଁ ଜଳି ଉଠିବ । ଏଭଳି ମ୍ୟାଜିକ ଦେଖାଇବା ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣେ ୯ ବର୍ଷର ଛାତ୍ରଙ୍କ ଲାଗି ମହଙ୍ଗା ପଡ଼ିଛି । ପାଟିରେ ପୂରାଇଥିବା କିରୋସିନ ଭୁଲବଶତଃ ଢୋକିଦେବାରୁ ସେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି । ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି ।

ଏହି ଛାତ୍ର ଜଣକ କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ମଇଦାନକେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ୱଳ୍ପବ୍ୟୟ ଛାତ୍ରାବାସରେ ରହି ପାଠ ପଢୁଥିଲେ । ନିଜର କେତେଜଣ ସାଙ୍ଗଙ୍କୁ ଏଭଳି ମ୍ୟାଜିକ ଦେଖାଇବାକୁ କହି ସେ ପାଟିରେ କିରୋସିନ ପୂରାଇଥିଲେ । ଅନ୍ୟ ଦୁଇ ଜଣ ଛାତ୍ର ମଧ ଅନୁରୂପ ମ୍ୟାଜିକ ଦେଖାଇବା ଉଦ୍ୟମ କରିଥିଲେ । ୪ର୍ଥ ଶ୍ରେଣୀ ଛାତ୍ର ଜଣଙ୍କ ଭୁଲରେ କିରୋସିନ ଢୋକି ଅସୁସ୍ଥ ହୋଇପଡ଼ିଥିଲେ । ଚିକିତ୍ସିତ ହେବାପରେ ତାଙ୍କ ଅବସ୍ଥା ଭଲ ଥିବା ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପାଟିରେ କିରୋସିନି ପୂରାଇଥିବା ଅନ୍ୟ ଦୁଇ ଜଣ ଛାତ୍ର ସୁସ୍ଥ ଥିବାରୁ ସେମାନଙ୍କୁ ଡାକ୍ତରଖାନା ଅଣାଯାଇ ନାହିଁ । ଛାତ୍ରାବାସାରେ ଜେନେରେଟର କିମ୍ବା ଇନଭଟର ବ୍ୟବସ୍ଥା ନ କରି ଲଣ୍ଠନ ଓ ଡିବି ଜାଳିବାପାଇଁ କିରୋସିନ ଅଣାଯାଇଥିବା କୁହାଯାଉଛି । ବର୍ତ୍ତମାନ ଏହି ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି । ଏଥିଲାଗି ବିଦ୍ୟୁତ କାଟ କରାଯାଉଥିବାରୁ ଛାତ୍ରାବାସକୁ କିରୋସିନ ଅଣାଯାଇଥିଲା ବୋଲି କୁହାଯାଉଛି ।

# ମାଂସ ରାନ୍ଧିବା ଡେରି ହେବାରୁ ଜୀବନ ଗଲା

**ପାରିବାରିକ ହିଂସାର କୁପରିଣତି**

■ସ୍ତ୍ରୀଙ୍କୁ ପିଟି ମାରିଦେଲେ

■ଅଭିଯୁକ୍ତ ସ୍ୱାମୀ ଗିରଫ

**ପାଟଣା, ୭।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ତେଣ୍ଡେରା ପଞ୍ଚାୟତ ଘୁଣ୍ଟିବେଡା କମାର ସାହିରେ ଜଣେ ୨୬ ବର୍ଷୀୟା ବିବାହିତା ମହିଳା ପାରିବାରିକ ହିଂସାର ଶିକାର ହୋଇଛନ୍ତି। ଗୁରୁବାର ରାତିରେ ମାଂସ ରାନ୍ଧିବାରେ ବିଳମ୍ବ କରିବାରୁ ତାଙ୍କ ସ୍ୱାମୀ ରାଗି ଯାଇ ତାଙ୍କୁ ପିଟି ପିଟି ହତ୍ୟା କରିଥିବା ଶୁକ୍ରବାର ପାଟଣା ଥାନାରେ ଅଭିଯୋଗ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅଭିଯୁକ୍ତ ଶୁକ୍ରାମ ଲୋହାରଙ୍କୁ ଗିରଫ କରିଛି।



ଅଭିଯୁକ୍ତ ଶୁକ୍ରାମ ଲୋହାର ।

ପୋଲିସ ସୂଚନା ଅନୁଯାୟୀ ମୃତକ ହେଲେ କୁନି ଲୋହାର । ସେ ଶୁକ୍ରାମଙ୍କୁ ୨ୟ ବିବାହ କରିଥିଲେ। ଗୁରୁବାର ଶୁକ୍ରାମ ମାଂସ ଆଣି ତାଙ୍କୁ ରାନ୍ଧିଦେବାକୁ କହିଥିଲେ। ରେଷେଇରେ ବିଳମ୍ବ ହେବାରୁ ଶୁକ୍ରାମ ତାଙ୍କୁ ଗାଳିଗୁଲଜ କରି ଚୁଲି ଫୁଙ୍କା ନଳ ଓ ବାଉଁଶ ଠେଙ୍ଗାରେ ନିର୍ଘାତ ପିଟିଥିଲେ। କୁନିଙ୍କ ମୃତ୍ୟୁଖବର ଜଣାପଡିବା ପରେ ତାଙ୍କ ପ୍ରଥମ ସ୍ୱାମୀ ପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଏକ ହତ୍ୟା ମାମଲା (ନଂ.୧୬୪/୧୮)ରୁଜୁ କରିଥିବା ଥାନାଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି। ସାହାରପଡା ଫାଣ୍ଡି ଅଧିକାରୀ ଅଶୋକ କୁମାର ପହି ପାଟଣା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ପରେ ହସ୍ତାନ୍ତର କରିଥିବା ଜଣାପଡିଛି।

## ଜାତୀୟ କରାଟେରେ ସଫଳତା

# ଚନ୍ଦନଙ୍କୁ ସ୍ୱର୍ଣ୍ଣ, ଆକାଶ ଓ ବିଶ୍ୱଜିତଙ୍କୁ ବ୍ରୋଞ୍ଜ

**ରାଇସୁଆଁ, ୭।୧୨ (ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନରଣପୁରର ଷ୍ଟେଟ ବ୍ରିଗେଡ ସ୍କୁଲର ଛାତ୍ରଙ୍କୁ କରାଟେରେ ସଫଳତା ମିଳିଛି । ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ଅନୁଷ୍ଠିତ କରାଟେ ଚମ୍ପିଆନଶିପରେ ନରଣପୁର ବ୍ରିଗେଡ ସ୍କୁଲର ଛାତ୍ର ଚନ୍ଦନ ପ୍ରକାଶ ନାଏକ ସ୍ୱର୍ଣ୍ଣ ପଦକ, ଆକାଶ ନାଏକ ବ୍ରୋଞ୍ଜ, ବିଶ୍ୱଜିତ ମହାନ୍ତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ସଫଳ ପ୍ରତିଯୋଗୀଙ୍କୁ ଶୁକ୍ରବାର କେନ୍ଦୁଝର ନରଣପୁର ରେଳ ଷ୍ଟେଶନ ରେ ସ୍ୱାଗତ କରାଯାଇଥିଲା । ଏହି ସ୍ୱାଗତ କାର୍ଯ୍ୟକ୍ରମରେ ସଦର ଏବିଓ ଶାନ୍ତନୁ



ବିଜୟୀ କରାଟେ ପ୍ରତିଯୋଗୀ ।

ରାଉତ, ଏବିଓ ପଦ୍ମିନି ସୁର, ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ, ଡିଡବ୍ଲ୍ୟୁଓ ପ୍ରଦ୍ୟୁମ୍ନ ଦାସ, ଜେନେରାଲ ମ୍ୟାନେଜର ଡିଆଇସି, ବାଂଶପାଳ ଚାଇଲ୍ଡ ଲାଇନର ପ୍ରଶାନ୍ତ ଖୁଣ୍ଟିଆ, ସୁକାନ୍ତୀ ପାତ୍ର, ଦିପକ ନନ୍ଦୀ, ସଦଭାବନା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସିଟିଜି ଫାଉଣ୍ଡେସନର କର୍ମକର୍ତ୍ତାମାନେ ବିପୁଳ ସମ୍ବର୍ଦ୍ଧନା ସହ ସ୍ୱାଗତ କରିଥିଲେ ।

## ଅପହରଣ, ହତ୍ୟା ମାମଲା

# ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରଙ୍କୁ ଆଜୀବନ ଜେଲ୍

**ଆନନ୍ଦପୁର, ୭।୧୨(ସ୍ୱ.ପ୍ର.)**–

କେନ୍ଦୁଝର ଜିଲା ଘସିପୁରା ଥାନା ତୋରାଣିଆପାଳ ଗ୍ରାମର ଅଟୋଚାଳକ ବିଜୟ ଷଡଙ୍ଗୀ ଓରଫ ବିଦେଶଙ୍କୁ ଅପହରଣ କରି ହତ୍ୟା କରାଯିବା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି । ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତି ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ମୁର୍ମୁଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୩ଡିସେମ୍ବର ୧୨ ତାରିଖରେ ବିଜୟ ଏକ ଅଟୋ ରିକ୍ସା ଯୋଗେ ଲୁଣଖିଆ ଅଞ୍ଚଳକୁ ଯାତ୍ରୀ ନେଇ ଯାଉଥିଲେ। ସେହି ସ୍ଥାନରେ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ତାଙ୍କୁ ମାଡ ମାରି ଚିଲିକା ବାହାଳି ଜଙ୍ଗଲ ମଧକୁ ନେଇଯାଇଥିଲେ। ଏହାପରେ ବିଜୟଙ୍କର କୌଣସି ପତ୍ତା ମିଳି ନ ଥିଲା । ବିଜୟଙ୍କ ଭାଇ ଏନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଜୟଙ୍କ ମୃତଦେହ ଠାବ ହେବାପରେ ଘସିପୁରା ଥାନା ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଗିରଫ କରି ଏକ ହତ୍ୟା ମାମଲା (ନଂ. ୨୬୭/୨୦୧୩) ରୁଜୁ କରିଥିଲା । ସରକାରଙ୍କ ପକ୍ଷରୁ ୧୫ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ । ମୁଦାଲାଙ୍କ ତରଫରୁ ଜଣେ ସାକ୍ଷ୍ୟ ଦେଇଥିଲେ। ଆନନ୍ଦପୁର ଏଡିଜେ ଉକ୍ତ ହତ୍ୟା ମାମଲାରେ ୩୦୨ ଦଫାରେ ରାୟ ଶୁଣାଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି । ସେହିପରି ୩୬୪ ଅପହରଣ ଦଫାରେ ୧୦ ବର୍ଷ ଜେଲ ଦଣ୍ଡାଦେଶ ସହ ୨ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଆଦାୟ କରିବା ନିମନ୍ତେ ଜିଲା ଆଇନ ସହାୟତା କମିଟିକୁ ଦାୟିତ୍ୱ ହସ୍ତାନ୍ତର ଅନୁରୋଧକୁ ବିଚାରପତି ଅନୁମୋଦନ ଦେଇଛନ୍ତି। ଜରିମାନା ଅର୍ଥ ମୃତକଙ୍କ ପରିବାରବର୍ଗଙ୍କୁ ପ୍ରଦାନ କରାଯିବ । ସରକାରୀ ଓକିଲ ମହେନ୍ଦ୍ର କୁମାର ମହାପାତ୍ର ମାମଲାକୁ ପରିଚାଳନା କରିଥିଲେ।

## ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

# ଦିଲ୍ଲୀରେ ୫ ରାଜ୍ୟର ପ୍ରତିନିଧିଙ୍କ ଧାରଣା

**ଯୋଡା, ୭।୧୨(ଡି.ଏନ.ଏ.)**

ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି ଆନ୍ଦୋଳନ ଏବେ ଦିଲ୍ଲୀରେ ପହଞ୍ଚିଛି। ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ସୋମବାର ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣା ଦିଆଯାଇଥିଲା । ପରେ ଓଡିଶା, ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆସାମ ଓ ଛତିଶଗଡ ଆଦି ୫ ରାଜ୍ୟର ୧୦ ପ୍ରତିନିଧି କାର୍ଯ୍ୟଗୃହ ବ୍ୟାପାର ମନ୍ତ୍ରୀ କିରଣ ରିଜୁଙ୍କୁ ଭେଟିଥିଲେ। ପଶ୍ଚିମ ସିଂଭୂମର ଲକ୍ଷ୍ମଣ ଗିଲୁଆ ଓ କେନ୍ଦୁଝର ସାଂସଦ ଶକୁନ୍ତଳା ଲାଗୁରୀଙ୍କ ସହଯୋଗରେ ପ୍ରତିନିଧି ଦଳ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଯନ୍ତରମନ୍ତରଠାରେ ଅନୁଷ୍ଠିତ ଧାରଣାରେ କେନ୍ଦୁଝର ଜିଲା ଏମପି ଶକୁନ୍ତଳା ଲାଗୁରୀ, ପୂର୍ବତନ ଚମ୍ପୁଆ ବିଧାୟକ ଧନୁର୍ଜୟ ସିଦ୍ଧୁ, ବିଲେଇପଦା



ହୋ ଭାଷାକୁ ମାନ୍ୟତା ଦେବା ସକାଶେ ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂଙ୍କୁ ଦାବିପତ୍ର ଦିଆଯାଉଛି।

ହୋ ସେୟାଁ ମାସ୍କା ଆକାଳର ସମ୍ପାଦକ କ୍ରୀଷ୍ଣା ଗାଗରାଇ, ବିଶିଷ୍ଟ ହୋ ସମାଜସେବୀ ସୁନିଆ ମୁଣ୍ଡା, ଡବର ମୁଣ୍ଡା, ଦେଓଝର ସରପଞ୍ଚ ମଙ୍ଗଳ ମୁଣ୍ଡା, ଅଁସେଇକଳା ସମିତିସଭ୍ୟ ଦେବେନ୍ଦ୍ର ମୁଣ୍ଡା, ଶିବଶଙ୍କର ମୁଣ୍ଡା, ମାଧବ ମୁଣ୍ଡା, ସୁକରାମ ମୁଣ୍ଡା, ବୃନ୍ଦ ରାମସିଂ ଚାମ୍ପିଆ, ବିରସିଂ ମୁଣ୍ଡା, ରାଜାରାମ୍ ଚାମ୍ପିଅ, ଗୁରୁଚରଣ ମୁଣ୍ଡା, ନାରାୟଣ ମୁଣ୍ଡା, କାରାନ୍ ମୁଣ୍ଡା, ଇସାନ୍ ମୁଣ୍ଡା, ମଙ୍ଗଲ ସିଂ ବୋଦ୍ରାଙ୍କ ସମେତ ୫ ଟି ରାଜ୍ୟର ହୋ ଭାଷାଭାଷୀ ସମସ୍ତ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ୪ ତାରିଖରେ ସେମାନେ ପ୍ରାକୃତିକ ଗ୍ୟାସ ଓ ତୈଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ୍ ଏବଂ ୬ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟି ଏସମ୍ପର୍କିତ ଦାବିପତ୍ର ମଧ ପ୍ରଦାନ କରିଥିଲେ।

ପ୍ରତିନିଧି ଦଳ ଦର୍ଶାଇଥିଲେ ଯେ, 'ହୋ' ସମଗ୍ର ବିଶ୍ୱରେ ଏକ ପୁରାତନ ଦେଶୀୟ ଭାଷା । ଏହାର ସୁନ୍ଦର ଲିପି ରହିଛି। ଭାରତୀୟ ଜନଜାତି ପରମ୍ପରାର ହୋ ଭାଷାକୁ ସୁରକ୍ଷିତ ରଖିବା ସକାଶେ ଏହାକୁ ଭାରତୀୟ ସମ୍ବିଧାନରୁ ଅଷ୍ଟମ ଅନୁଚ୍ଛେଦ ଅନୁଯାୟୀ ମାନ୍ୟତା ମିଳିବା ଜରୁରୀ। ଭାରତରେ ଏହି ଭାଷାଭାଷୀଙ୍କ ସଂଖ୍ୟା ୩୫ ଲକ୍ଷରୁ ଉର୍ଦ୍ଧ୍ୱ । ପ୍ରତିନିଧିଦଳଠାରୁ ସମସ୍ତ ବିଷୟ ଅବଗତ ହେବାପରେ ଆଗାମୀ ସଂସଦ ଅଧିବେଶନରେ ଏନେଇ ପ୍ରସ୍ତାବ ରଖାଯିବ ବୋଲି ଗୃହମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଗଠନ ସୂତ୍ରରୁ ଜଣାପଡିଛି।

# ଭଙ୍ଗାଘରେ ଚାଲିଛି ଅଙ୍ଗନୱାଡିକେନ୍ଦ୍ର

## ଖୋଲା ମେଲାରେ ଶିଶୁଙ୍କୁ ଦିଆଯାଉଛି ରନ୍ଧା ଖାଦ୍ୟ

**ଝୁମ୍ପୁରା, ୭।୧୨ ଡି.ଏନ.ଏ**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁମୁରା ଗ୍ରାମ ପଞ୍ଚାୟତର ଗୁମୁରା (ଖ) ଅଙ୍ଗନୱାଡିର ଶିଶୁଙ୍କ ପାଇଁ ଅବସ୍ଥା ଦେଖିଲେ, ଯେ କେହି କହି ପାରିବ ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ସରକାରୀ ବିଭାଗ ଗୁଡିକ ନିଜ ନିଜ ମଧରେ କି ପ୍ରକାର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି ।

ଆବଶ୍ୟକତା ଦୃଷ୍ଟିରୁ ଆଦୀବାସୀ ଅଧୁଷିତ ଗୁମୁରା ଗ୍ରାମରେ ୨୦୦୭ ମସିହାରେ ଅଙ୍ଗନୱାଡି କେନ୍ଦ୍ର ଖୋଲା ଗଲା । ଅଙ୍ଗନୱାଡି କର୍ମୀଙ୍କ ସହିତ ସହାୟିକା ମଧ ନିଯୁକ୍ତ ହେଲେ। ଶିଶୁମାନଙ୍କୁ ଶିକ୍ଷାଦାନ ସହିତ ରନ୍ଧା ଖାଦ୍ୟ ଦେବାର ବ୍ୟବସ୍ଥା ହେଲା। ହେଲେ ୨୦୦୭ ମସିହା ଠାରୁ ୨୦୧୮ ମସିହା ସରିବାକୁ ବସିଲାଣି । ଏ ପର୍ଯ୍ୟନ୍ତ ଅଙ୍ଗନୱାଡି ଘରଟିଏ ନିର୍ମାଣ ହୋଇ ପାରିଲା ନାହିଁ। ଅଙ୍ଗନୱାଡି ସହାୟିକା ଭାବେ ନିଯୁକ୍ତି ପାଇଥିବା ଡାଳିମ୍ବ ନାଏକଙ୍କ ଭଙ୍ଗାଘରେ ବିପଦସଙ୍କୁଳ ଭାବେ ଶିଶୁଙ୍କୁ ଶିକ୍ଷାଦାନ କରାଯାଉଛି। ଖୋଲାମେଲାରେ ରନ୍ଧା ଯାଉଛି ଶିଶୁଙ୍କ ଖାଦ୍ୟ, ପୁଣି ଖୋଲାମେଲାରେ ବସାଇ ଶିଶୁଙ୍କୁ ଖାଦ୍ୟ ଦିଆଯାଉଛି। ବର୍ଷାଦିନ



ଖୋଲାରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ର

କଥା ନ କହିବା ଭଲ। ବର୍ଷା ହେଲେ ଶିଶୁଙ୍କ ପାଠପଢା ବନ୍ଦ, ରନ୍ଧା ଖାଦ୍ୟରେ ବର୍ଷାପାଣି ପଶିଲେ ଖାଦ୍ୟ ଖାଇବା ମନା। ଭୋକରେ ଫେରନ୍ତି ଶିଶୁମାନେ। ବର୍ତ୍ତମାନ ଉକ୍ତ ଅଙ୍ଗନୱାଡି କେନ୍ଦ୍ରରେ ୨୦ଜଣ ଶିଶୁ ରହିଥିବାବେଳେ ବିପଦଶଙ୍କୁଳ ପରିବେଶ ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଶିଶୁ ମାନେ ମଧ ଅଙ୍ଗନୱାଡି କେନ୍ଦ୍ରକୁ ଯିବାପାଇଁ ରାଜି ହେଉ ନାହାନ୍ତି । ସେଠାକାର ଅଙ୍ଗନୱାଡି କର୍ମୀ ତପସ୍ୱିନୀ ପାତ୍ର କହିଛନ୍ତି ଯେ, ଆମ୍ଭେ ଆଉ କଣ କରି ପାରିବୁ, ଯେମିତି ସେମିତି କେନ୍ଦ୍ରକୁ ଚଳାଇ ରଖିଛୁ, ଘରନାହିଁ, ବାଧ ହୋଇ ଏ ଘରେ, ସେ ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି।

କୌଣସି ବିଷୟରେ କେବେହେଲେ ମତାମତ ଦେଉ ନ ଥିବା ଝୁମ୍ପୁରା ବ୍ଲକ ଶିଶୁ ବିକାଶ ଅଧିକାରୀ ସୁଲତା ନାଏକଙ୍କ ସହିତ ଯୋଗାଯୋଗ ହୋଇ ପାରି ନ ଥିଲା। ନୂତନ ଭାବେ ଯୋଗ ଦେଇଥିବା ଝୁମ୍ପୁରା ବିଡିଓ ଜୟଶ୍ରୀ ବେଉରା କହିଛନ୍ତି ଯେ, ତୁରନ୍ତ ଏହି ସମସ୍ୟାର ପ୍ରତି ଧ୍ୟାନ ଦିଆଯିବ ।

## ବଡଦାଙ୍କ ସ୍ମୃତି ଉତ୍ସବ

**ଯୋଡା, ୭।୧୨(ଡି.ଏନ.ଏ.)**

ପରମପ୍ରେମମୟ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜ୍ୟେଷ୍ଠ ଆତ୍ମଜ ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ବଡଦାଙ୍କ ଯୋଡା ଆଗମନୀ ୪୩ ତମ ସ୍ମୃତି ମହୋତ୍ସବ ଗୁରୁବାର ମହାଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ ମାଙ୍ଗଳିକ ଅନୁଷ୍ଠାନ ମଧ୍ୟରେ ପ୍ରାତଃ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥ ପାଠ, ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଅପରାହ୍ନରେ ଏକ ସୁସଜ୍ଜିତ ରଥରେ ବଡଦାଙ୍କ ଶ୍ରୀବିଗ୍ରହ ସ୍ଥାପନ କରି କଳାପାହାଡ ଛକଠାରୁ ଯୋଡା ସତସଙ୍ଗ ବିହାର ପର୍ଯ୍ୟନ୍ତ ଶଙ୍ଖ ହୁଳହୁଳି, ନଗରକୀର୍ତ୍ତନ ମଧ୍ୟରେ ପାଛୋଟି ଆଣିଥିଲେ । ସନ୍ଧ୍ୟାରେ ଏକ ସତସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଡାକ୍ତର ବେଣୁଧର ମୁଦୁଲି ଅଧକ୍ଷତା କରିଥିଲେ । ଯାଜକ ଚିନ୍ମୟୀ ପଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧିକାରୀ ନାୟକ ଶ୍ରୀ ଶ୍ରୀ ବଡଦାଙ୍କ ଭାବାଦର୍ଶ ଓ ସତସଙ୍ଗର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଯୋଡା ସତସଙ୍ଗ ବିହାରର ସମ୍ପାଦକ ମଦନ ମୋହନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବୃନ୍ଦାବନ ସାହୁ, ଅଶୋକ ପାଣିଗ୍ରାହୀ, ତାରାକାନ୍ତ ପାଣିଗ୍ରାହୀ ଯାଜକଙ୍କ ସମେତ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଗୁରୁମା ଓ ଗୁରୁ ଭାଇ ମାନେ ଯୋଗଦାନ କରିଥିଲେ ।

## ଜନସମୃଦ୍ଧି ପାର୍ଟି ପକ୍ଷରୁ ସଭ୍ୟ ସଂଗ୍ରହ

**ଘସିପୁରା, ୭।୧୨(ଡି.ଏନ.ଏ.)**– କେନ୍ଦୁଝର ଜିଲା ଘସିପୁରା ବ୍ଲକ ଗୋହିରା ପଞ୍ଚାୟତରେ ମଙ୍ଗଳବାର ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ଦ୍ୱାରା ପରିଚାଳିତ ଜନ ସମୃଦ୍ଧି ପାର୍ଟି ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ପ୍ରଫୁଲ୍ଲ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ପୂର୍ବତନ ପୌର ଉପାଧକ୍ଷ ସୁରେଶ ସାହୁ ଯୋଗଦେଇ ଶାସକ ଦଳର ଦୁର୍ନୀତିରେ ଲୋକେ ଅତିଷ୍ଠ ହୋଇଥିବା ପ୍ରକାଶ କରିଥିଲେ। ଦଳୀୟ ନେତା ଅରୁଣ କୁମାର ସାହୁ, ସଞ୍ଜୟ ଜେନା, ନନ୍ଦ କିଶୋର ଜେନା, ଜନାର୍ଦ୍ଦନ ସାହୁ, ପଦ୍ମନାଭ ନାୟକ, ପ୍ରହଲ୍ଲାଦ ନାୟକ, ମହିଳା ନେତ୍ରୀ ସୁଷମାରାଣୀ ରଣା, ସତ୍ୟଭାମା ଖୁଣ୍ଟିଆ ଦଳର ଜନ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୂରଲୀଧର ନାୟକ ନିଜ ସମର୍ଥକମାନଙ୍କ ସହ ଦଳରେ ସାମିଲ ହୋଇଥିଲେ।

**ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ** ସମ୍ମୁଖରେ ବ୍ୟାଙ୍କ ମିସ୍‌ଲାନିୟସ୍-କେସ୍ ନଂ.: ୪୪/୨୦୧୭ ଧାରା ୧୪(୧) ସରଫେସୀ ଅଧିନିୟମ ୨୦୦୨ ଅଧିନରେ
**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**, ପ୍ଲଟ ନଂ.-୭୭୮, ପ୍ରଥମ ମହଲା, ପୋ-ସହିଦ ନଗର, ଭୁବନେଶ୍ୱର-୭୫୧୦୦୭ ......ଆବେଦନକାରୀ
ବନାମ
**ମେସର୍ସ ରାଧାମୋହନ କନ୍‌ଷ୍ଟ୍ରକ୍ସନ**, ପ୍ଲଟ ନଂ.୨୬୨୯/୧୭୨୯, ବଡଗଡ କେନାଲ ରୋଡ, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪ ।
ପ୍ରାପ୍ତେଷୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର .....ବିପକ୍ଷ ପକ୍ଷ
**୧)ମେସର୍ସ ରାଧାମୋହନ କନ୍‌ଷ୍ଟ୍ରକ୍ସନ**, ସ୍ଥାନ: ପ୍ଲଟ ନଂ.୨୬୨୯/୧୭୨୯, ବଡଗଡ କେନାଲ ରୋଡ, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪ ।
**୨)ଶ୍ରୀ ସ୍ମୃତି ରଞ୍ଜନ ମହାନ୍ତି**, ପିତା-ଶ୍ରୀ ଉପେନ୍ଦ୍ରନାଥ ମହାନ୍ତି, ମୌଜା-ପାତ୍ରପଡା, ତହସିଲି-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଏସ୍‌ଆରଓ/ଥାନା-ଖଣ୍ଡଗିରି, ଖାତା ନଂ.-୭୦୩/ ୧୪୮୩, ପ୍ଲଟ ନଂ.-୧୦୦/୩୦୨୦, ଏରିଆ-ଏକର୦.୦୫୪ ଡିସିମିଲି ।
ଜାଣିରଖନ୍ତୁ ଯେ ଉପରୋକ୍ତ ଆବେଦନକାରୀ ସିକ୍ୟୋର୍ଡ ଆସେଟ୍‌ର ଭୌତିକ ଦଖଲ ନେବାପାଇଁ ଆପଣଙ୍କ ବିରୁଦ୍ଧରେ ବ୍ୟାଙ୍କ ମିସ୍‌ଲାନିୟସ୍ କେସ୍ ନଂ.-୪୪/୨୦୧୭ ଅନୁଯାୟୀ ସରଫେସୀ ଅଧିନିୟମର ଧାରା ୧୪ ଅଧିନରେ ଏକ ଆବେଦନ ଦାଖଲ କରାଯାଇଛି । ଉପରୋକ୍ତ ନୋଟିସ୍ ଆପଣଙ୍କ ପାଖକୁ ରେଜିଷ୍ଟ୍ରି ଡାକରେ ପଠାଯାଇଥିଲା। କିନ୍ତୁ ତାହା ଫେରିଆସିଲା । ଏତଦ୍‌ଦ୍ୱାରା ଆପଣଙ୍କ ଦାବିର ଉତ୍ତର ଦେବାକୁ ଅଦାଲତରେ ନିଜେ କିମ୍ବା ନିଜର ଓକିଲଙ୍କ ଜରିଆରେ **ତା୨୧.୧୨.୨୦୧୮ ରିଖ ପୂର୍ବାହ୍ନ ୧୦.୩୦ ଘଟିକା**ରେ ହାଜର ହେବାକୁ ଜଣାଇ ଦିଆଯାଉଅଛି । ଏଥିରେ ବ୍ୟତିକ୍ରମ ହେଲେ ଉପରୋକ୍ତ ବିଷୟ ଆପଣଙ୍କ ଅନୁପସ୍ଥିତିରେ ବିଚାର କରାଯିବ ।
**ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଜିଲ୍ଲାପାଳ (ଖୋର୍ଦ୍ଧା)ଙ୍କ ନିର୍ଦ୍ଦେଶାକ୍ରମେ**